ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ଅକ୍ଟୋବର, ୨୦୨୧



**ମା'ସିଦ୍ଧିଦାତ୍ରୀଙ୍କ ଚାମୁଣ୍ଡା ବେଶ**

ନାଉଗାଁ,(ସ୍ୱ.ପ୍ର.): ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ସରାପ୍ଦୋସ୍ଥିତ ମା'ସିଦ୍ଧିଦାତ୍ରୀ ସର୍ବମଙ୍ଗଳା ପୀଠରେ ଶାରଦୀୟ ପାର୍ବଣ ଅବସରରେ ମଙ୍ଗଳବାର ମା'ଙ୍କୁ ଚାମୁଣ୍ଡା ବେଶରେ ସୁସଜ୍ଜିତ କରାଯାଇଛି। ଆଶ୍ରମର ପ୍ରତିଷ୍ଠାତା ସ୍ୱାମୀ ଗୋକୁଳାନନ୍ଦ ସରସ୍ୱତୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପୂଜା ଆୟୋଜନ କରାଯାଉଛି। ସମ୍ପାଦକ ଅକ୍ଷୟ କୁମାର ମିଶ୍ର ଓ ଶ୍ରଦ୍ଧାଳୁମାନେ ଏହାକୁ ପରିଚାଳନା କରୁଛନ୍ତି।



## ସଂକ୍ଷେପରେ

### କୋଭିଡ୍-୧୯ କଟକଣାରେ ହେବ ଗଜଲକ୍ଷ୍ମୀ ପୂଜା

**କେନ୍ଦ୍ରାପଡ଼ା ଅଫିସ,୫।୧୦:** କେନ୍ଦ୍ରାପଡା ଜିଲାର ଗଣପର୍ବ ଗଜଲକ୍ଷ୍ମୀ ପୂଜା ଆସନ୍ତା ୧୯ ତାରିଖଠାରୁ ଅନୁଷ୍ଠିତ ହେବ। ଏହି ପୂଜା କୋଭିଡ-୧୯ର କଟକଣା ମଧ୍ୟରେ ଅନୁଷ୍ଠିତ ହେବ। ଏ ନେଇ ସହରର ଟାଉନହଲଠାରେ ଜିଲା ପ୍ରଶାସନ ପକ୍ଷରୁ ମଙ୍ଗଳବାର ଆୟୋଜିତ ବୈଠକରେ କୁହାଯାଇଛି। ଉପଜିଲାପାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜିଲାପାଳ ଅମୃତ ଋତୁରାଜ, ଏସ୍‌ପି ମଡକର ସନ୍ଦୀପ ସମ୍ପଦ, ଏଡିଏମ୍ ଦୁର୍ଗା ପ୍ରସାଦ ମହାରଣା, ଏସ୍‌ଡିପିଓ ରାଜୀବ ଲୋଚନ ପଣ୍ଡା, ତହସିଲଦାର ହେମଲତା ବାହାଲିଆ ଯୋଗ ଦେଇଥିଲେ। ସେହିପରି ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଏଥିରେ ଭାଗ ନେଇ ଆଲୋଚନା କରିଥିଲେ। ଆଲୋଚନାରେ ମୂର୍ତ୍ତିର ଉଚ୍ଚତା ୪ ଫୁଟ ମଧ୍ୟରେ ରହିବ ବୋଲି ସୂଚନା ଦିଆଯାଇଛି। ସେହିପରି ପୂଜା ମଣ୍ଡପକୁ ୩ ପାର୍ଶ୍ୱରୁ ଆବଦ୍ଧ ରଖିବା, ମଣ୍ଡପରେ ସର୍ବାଧିକ ୭ ଜଣ ରହିବା, ବିସର୍ଜନ ସମୟରେ ୧୦ ଜଣ ରହିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ମଣ୍ଡପ କର୍ମକର୍ତ୍ତାଙ୍କୁ ସୂଚନା ଦିଆଯାଇଥିଲା। ଶାନ୍ତି ଶୃଙ୍ଖଳା ବଜାୟ ରଖିବା, ଅନବରତ ବିଦ୍ୟୁତ୍ ଓ ପାନୀୟ ଜଳ ବ୍ୟବସ୍ଥା ଆଦି ସମ୍ପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର, ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବ ପ୍ରସାଦ ବଳ ପ୍ରମୁଖ ସାମିଲ ହୋଇଥିଲେ।

### ବନ୍ଦର ଘରୋଇ କରଣକୁ ବିରୋଧ

**ପାରାଦୀପ,୫।୧୦(ସ୍ୱ.ପ୍ର.):** କେନ୍ଦ୍ର ସରକାରଙ୍କ ବନ୍ଦର ଘରୋଇକରଣ ଯୋଜନାକୁ ପାରାଦୀପ ବନ୍ଦରରେ କାର୍ଯ୍ୟରତ ଶ୍ରମିକ ଓ କର୍ମଚାରୀ ବିରୋଧ କରିଛନ୍ତି। ଏଥିସହ ଅନ୍ୟାନ୍ୟ ସମସ୍ୟା ସମାଧାନ ଦାବିରେ ମଙ୍ଗଳବାର ବନ୍ଦର ପ୍ରଶାସନକୁ ମଜଦୁର ସଂଘ ପକ୍ଷରୁ ଦାବିପତ୍ର ଦିଆଯାଇଛି। ବିଶେଷକରି ୧୨ ପ୍ରସଙ୍ଗ ପାଇଁ ପଦକ୍ଷେପ ନେବାକୁ ସଂଘର ସଭାପତି ରାକେଶ କୁମାର ପଟ୍ଟନାୟକ ଓ ସମ୍ପାଦକ ଶ୍ରୀକାନ୍ତ ରାୟ ଦାବି କରିଛନ୍ତି। ବନ୍ଦର ଘରୋଇକରଣ ପ୍ରସଙ୍ଗ ସମେତ ବନ୍ଦରରେ ଖାଲି ପଦବୀକୁ ପୂରଣ କରିବା, ଶ୍ରମିକଙ୍କୁ କାର୍ଯ୍ୟସ୍ଥଳରେ ପାନୀୟଜଳ ଓ ଶୌଚାଳୟ ସୁବିଧା, ସମସ୍ତ କର୍ମଚାରୀଙ୍କ ପରିବାରକୁ ଟିକାକରଣ, ବର୍ଦ୍ଧିତ ଜଳକର ହ୍ରାସ ଓ ଚିକିତ୍ସାଳୟରେ ହେଉଥିବା ମନମାନୀ ବିରୋଧରେ କଡା ପଦକ୍ଷେପ ଗ୍ରହଣ ଆଦି ଅନ୍ତର୍ଭୁକ୍ତ । ତୁରନ୍ତ ସମସ୍ୟାର ସମାଧାନ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି।

### ଶକ୍ତି ସଂରକ୍ଷଣ କର୍ମଶାଳା

**ତିର୍ତ୍ତୋଲ,୫।୧୦ (ଡି.ଏନ୍.ଏ.):** ତିର୍ତ୍ତୋଲ ବ୍ଲକ ନିମକଣାସ୍ଥିତ ଜିଲା କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ମଙ୍ଗଳବାର କୃଷି କ୍ଷେତ୍ରରେ ଶକ୍ତି ସଂରକ୍ଷଣ ଉପରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ତିର୍ତ୍ତୋଲ ବ୍ଲକ କୃଷି ଯନ୍ତ୍ରୀ ସୁଶ୍ରୀ ପ୍ରଶାନ୍ତି ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପସ୍ଥିତ କୃଷକମାନଙ୍କୁ ସଚେତନ କରାଇଥିଲେ। ଜିଲାର ତିର୍ତ୍ତୋଲ ଓ କୁଜଙ୍ଗ ବ୍ଲକରେ କିପରି ସୌର ପମ୍ପର ବ୍ୟବହାର ବଢ଼ିବ ଓ ଚାଷୀମାନେ କିପରି ସରକାରଙ୍କର ସୌର ଜଳନିଧି ଯୋଜନାର ସୁବିଧା ନେଇ ପାରିବେ ସେ ବିଷୟରେ କର୍ମଶାଳାରେ ଆଲୋଚନା ହୋଇଥିଲା। ଜିଲା କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ.ବିଶ୍ୱ ରଞ୍ଜନ ପଟ୍ଟନାୟକ ଏହାକୁ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଇ. ଦ୍ୱାରିକା ମୋହନ ଦାସ ଉପସ୍ଥିତ ରହି ତୈଳ ସଂରକ୍ଷଣର ଆବଶ୍ୟକତା ଉପରେ ବକ୍ତବ୍ୟ ଦେଇଥିଲେ। କୃଷି ବିଜ୍ଞାନ କେନ୍ଦ୍ର ଓ (ପିସିଆରଏ)ର ମିଳିତ ପ୍ରୟାସରେ ଏହା ଅନୁଷ୍ଠିତ ହୋଇଥିଲା। ଜଗତ୍‌ସିଂହପୁର ଜିଲାରେ ଆଗାମୀ ଦିନରେ ଏଭଳି ୮ଟି କାର୍ଯ୍ୟକ୍ରମ ଆୟୋଜନ କରାଯିବ । ପ୍ରତି କାର୍ଯ୍ୟକ୍ରମରେ ୩୦ ଜଣ ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯିବ ବୋଲି କର୍ମଶାଳାରେ ସୂଚନା ଦିଆଯାଇଛି।

### ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ

**ପାରାଦୀପ, ୫।୧୦(ସ୍ୱ.ପ୍ର.):** ପାରାଦୀପ ଫସ୍‌ଫେଟ୍‌ସ ଲିମିଟେଡ (ପିପିଏଲ) ପରିସରରେ ଥିବା ଡିଏଭି ସ୍କୁଲରେ ଫିଟ୍ ଇଣ୍ଡିଆ ଫ୍ରିଡମ୍ ରନ୍ ୨-୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ କମ୍ପାନୀର ମାନବସମ୍ବଳ ଅଧିକାରୀ ଜଗନ୍ନାଥ ଖୁଣ୍ଟିଆ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନେ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତାରେ ଭାଗନେଇଥିଲେ। ପୁରସ୍କାର ବିତରଣ ସଭାରେ କମ୍ପାନୀ ମୁଖ୍ୟ ରଣଜିତ ସିଂ ଚୁଗ୍ ମୁଖ୍ୟଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଫିଟ୍ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ ଅଧକ୍ଷ ସଞ୍ଜୀବ କୁମାର ସାହୁ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

# ଏସ୍‌ଏଚ୍‌ଜି ପିଛା ୨.୫ ଲକ୍ଷ ଋଣ ଦିଆଯାଉ

**ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ବୈଠକ**

- ଦୁଗ୍ଧ ଚାଷୀଙ୍କୁ ଆବଶ୍ୟକ ଋଣ ଦିଆଯାଉନାହିଁ
- ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀଙ୍କୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ଋଣ ମିଳୁ

**ଜଗତ୍‌ସିଂହପୁର ଅଫିସ, ୫।୧୦**

ରାଜ୍ୟ ସରକାରଙ୍କ ମିଶନ ଶକ୍ତି ଏକ ଫ୍ଲାଗଶିପ୍ କାର୍ଯ୍ୟକ୍ରମ। ସରକାର ଏହାକୁ ସ୍ୱତନ୍ତ୍ର ବିଭାଗରେ ପରିଣତ କରିଛନ୍ତି। ମହିଳା ସ୍ୱୟଂ ସହାୟକ ଦଳଗୁଡିକୁ ସଶକ୍ତ କରିବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇ ଆସିଛନ୍ତି। ପ୍ରତି ମହିଳା ସ୍ୱୟଂ ସହାୟକ ଦଳକୁ ବ୍ୟାଙ୍କରମାନେ ୨.୫ ଲକ୍ଷ ଟଙ୍କା ହିସାବରେ ଋଣ ପ୍ରଦାନ କରନ୍ତୁ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ବ୍ୟାଙ୍କ ସମୂହ ଜିଲା ପରାମର୍ଶଦାତା କମିଟି ଓ ଜିଲାସ୍ତରୀୟ ସମୀକ୍ଷା ବୈଠକରେ ପୌରୋହିତ୍ୟ କରି ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଏହା କହିଛନ୍ତି । ସେ କହିଥିଲେ, ଜିଲାରେ ଅଣୁ, ମଧ୍ୟମ ଓ କ୍ଷୁଦ୍ର ଉଦ୍ୟୋଗର ଶିଳ୍ପ ଉଦ୍ୟୋଗୀମାନଙ୍କୁ ବ୍ୟାଙ୍କ ଲିଙ୍କେଜ୍ ମାଧ୍ୟମରେ ଋଣ ପ୍ରଦାନ କର। ସରକାରଙ୍କ ବିଭିନ୍ନ ଜନ କଲ୍ୟାଣ ଯୋଜନାରେ ହିତାଧିକାରୀଙ୍କୁ ଆବଶ୍ୟକ ଋଣ ଓ ରିହାତି ପ୍ରଦାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ଜିଲାପାଳ ବ୍ୟାଙ୍କରମାନଙ୍କୁ ପରାମର୍ଶ ଦେଇଥିଲେ।



ବୈଠକରେ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ।

ବୈଠକରେ ୟୁକୋ ବ୍ୟାଙ୍କ ଡେପୁଟି ଜେନେରାଲ ମ୍ୟାନେଜର ଲଲାଟେନ୍ଦୁ ବେହେରା କହିଥିଲେ, ଜିଲାରେ ଦୁଗ୍ଧଚାଷୀ ଓ ମତ୍ସ୍ୟଚାଷୀଙ୍କୁ ଋଣ ପ୍ରଦାନ କରିବା ଜରୁରୀ। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଆଧିକାରୀ କହିଥିଲେ, ଜିଲାରେ ପ୍ରତ୍ୟେକ ଦିନ ୧,୨୦,୦୦୦ ଲିଟର ଦୁଗ୍ଧ ଉତ୍ପାଦନ ହେଉଛି। କିନ୍ତୁ ଦୁଗ୍ଧ ଚାଷୀଙ୍କୁ ଆବଶ୍ୟକ ପରିମାଣରେ ଋଣ ପ୍ରଦାନ କରାଯାଉନାହିଁ। କିଷାନ କ୍ରେଡିଟ୍ କାର୍ଡ ମାଧ୍ୟମରେ ଦୁଗ୍ଧ ଚାଷୀଙ୍କୁ ଋଣ ପ୍ରଦାନ କରିବାକୁ ସେ ପ୍ରସ୍ତାବ ଦେଇଥିଲେ। ବୈଠକରେ ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସରୋଜକାନ୍ତ ମହାନ୍ତି, ଆର୍‌ବିଆଇ ଏଲ୍‌ଡିଓ ତାରିଣୀ ଚରଣ ପାଇକ, ନାବାର୍ଡ ଜିଲା ଉନ୍ନୟନ ପରିଚାଳକ ବିଶ୍ୱଭୂଷଣ ମହାନ୍ତି ପ୍ରମୁଖ ଯୋଗଦେଇ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ପାଇଁ ସମସ୍ତ ବ୍ୟାଙ୍କଗୁଡିକ ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ଜୁନ ୨୦୨୧ ସୁଦ୍ଧା ଋଣ ଅନୁପାତ ୩୨%ରୁ ୩୭%କୁ ବୃଦ୍ଧି ପାଇଛି। ନାବାର୍ଡର ଋଣ ପରିମାଣ ମିଶାଇଲେ ଏହା ୪୪% ହେବ ବୋଲି ଅଗ୍ରଣୀ ବ୍ୟାଙ୍କ ପରିଚାଳକ ସତୀଶ କୁମାର ପାତ୍ର ସୂଚନା ଦେଇଥିଲେ। ଗତ ୩ ମାସରେ ବାର୍ଷିକ କ୍ରେଡିଟ୍ ପ୍ଲାନ୍ ୦.୧୪% ଥିବା ସେ ପ୍ରକାଶ କରିଥିଲେ। ବୈଠକରେ ବଳରାମ ଯୋଜନା, କୃଷି, ଉଦ୍ୟାନ କୃଷି, ମତ୍ସ୍ୟ ଚାଷ, କୁକୁଡ଼ା ଚାଷ, ଦୁଗ୍ଧ ଉତ୍ପାଦନ, କିଷାନ କ୍ରେଡିଟ୍ କାର୍ଡ, ପ୍ରଧାନମନ୍ତ୍ରୀ ମୁଦ୍ରା ଯୋଜନା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା, ଓଡ଼ିଶା ଜୀବିକା ମିଶନ, ସହରାଞ୍ଚଳ ଜୀବିକା ମିଶନ, ପିଏମ୍‌ଇଜିପି, ୟୁକୋ ଆର୍‌ସେଟି, ବୁଣାକାର କିଷାନ କ୍ରେଡିଟ୍ କାର୍ଡ, ବ୍ୟାଙ୍କିଙ୍ଗ ଇଣ୍ଡିକେଟର, ଋଣ ଆଦାୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିରେ ଜିଲା ମୁଖ୍ୟ କୃଷି ଅଧିକାରୀ, ସିଡିଭିଓ, ଜିଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକ, ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଜିଲା ମତ୍ସ୍ୟ ଅଧିକାରୀ, ଆର୍‌ସେଟୀ ନିର୍ଦ୍ଦେଶିକା, ବିଭିନ୍ନ ବ୍ୟାଙ୍କର ଶାଖା ପରିଚାଳକ ପ୍ରମୁଖ ଯୋଗଦେଇଥିଲେ।

## ୮ ଘଣ୍ଟା ଖୋଜିବା ପରେ ୨ ନାବାଳକ ଉଦ୍ଧାର

**ରଘୁନାଥପୁର, ୫।୧୦(ଡି.ଏନ୍.ଏ.)**

ପାଠପଢ଼ା କରି ନ ଥିବାରୁ ସାରଙ୍କଠାରୁ ମାଡ଼ ଖାଇବା ଭୟରେ ଟ୍ୟୁସନ୍ ନ ଯାଇ ୨ ନାବାଳକ ହଳଦୀ କିଆରିରେ ଲୁଚିଥିଲେ। ୮ ଘଣ୍ଟା ପରେ ପୋଲିସ ସେମାନଙ୍କୁ ଉଦ୍ଧାର କରିବାକୁ ସକ୍ଷମ ହୋଇଛି। ଏଭଳି ଘଟଣା ସୋମବାର ରଘୁନାଥପୁର ଥାନା ତଅାଁରା ଗ୍ରାମରେ ଘଟିଛି। ଏହି ଗ୍ରାମରେ ତୃତୀୟ ଓ ଚତୁର୍ଥ ଶ୍ରେଣୀରେ ପଢୁଥିବା ୨ ନାବାଳକ ଭାଇ ଘର ଠାରୁ ଅଧ କିମି ଦୂରରେ ଟ୍ୟୁସନ୍ ହୁଅନ୍ତି। ମାତ୍ର ସୋମବାର ସେମାନେ ସେଠାରେ ଠିକ୍ ସମୟରେ ପହଞ୍ଚି ନ ଥିଲେ। ଏନେଇ ସାର ଘରକୁ ଫୋନ କରି ଜଣାଇଥିଲେ। ଏହାପରେ ପରିବାର ଲୋକେ ଓ ଗ୍ରାମବାସୀ ବହୁ ସମୟ ଧରି ଉଭୟଙ୍କୁ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ପତ୍ତା ନ ମିଳିବାରୁ ଶେଷରେ ମା' ଥାନାରେ ଖବର ଦେଇଥିଲେ। ଏହାପରେ ଆଇଆଇସି ଦେବେନ୍ଦ୍ର ମହାପାତ୍ର ଅନ୍ୟ କର୍ମଚାରୀଙ୍କ ସହ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ସୋମବାର ରାତି ପ୍ରାୟ ୪ଟା ବେଳେ ଉଭୟଙ୍କୁ ଭୟଭୀତ ଅବସ୍ଥାରେ ଏକ ହଳଦୀ କିଆରୀରୁ ଉଦ୍ଧାର କରିଥିଲେ। ପାଠ ପଢ଼ା କରି ନ ଥିବାରୁ ଏଠାକୁ ଆସି ଲୁଚିଥିଲେ ବୋଲି ପୋଲିସ ଆଗରେ ୨ଭାଇ ସ୍ୱୀକାର କରିଛନ୍ତି। ଏହାପରେ ଉଭୟ ନାବାଳକଙ୍କୁ ମା' ବାପାଙ୍କ ଜିମା ଦିଆଯାଇଛି।

## ସୁନାମି ପାଇଁ ପ୍ରସ୍ତୁତି, ପ୍ରଶିକ୍ଷଣ




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ।

**ପାରାଦୀପ, ୫।୧୦(ସ୍ୱ.ପ୍ର.)**

ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓସ୍‌ଡମା)ଓ ପାରାଦୀପ ପୌରପାଳିକା ପକ୍ଷରୁ ମଙ୍ଗଳବାର ସୁନାମି ନିମନ୍ତେ ପ୍ରସ୍ତୁତି ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ସଦନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓସ୍‌ଡମାର ନିର୍ବାହୀ ନିର୍ଦ୍ଦେଶକ ସତ୍ୟରଞ୍ଜନ ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ଭାରତ ମହାସାଗରରେ ସବୁଠାରୁ ବଡ ସୁନାମି ୨୦୦୪ ଡିସେମ୍ବର ୨୬ରେ ଆସିଥିଲା। ଏଥିରେ ୨ ଲକ୍ଷ ୩୮ ହଜାର ଲୋକଙ୍କ ମୃତ୍ୟୁ ଘଟିଥିଲା। ୫୧, ୫୦୦ଲୋକ ନିଖୋଜ ହୋଇଯାଇଥିଲେ। ଏହାପରେ ବିଶ୍ୱର ୧୪ ଦେଶ ସୁନାମି ପ୍ରବଣ ବୋଲି ଚିହ୍ନିତ କରାଯାଇଛି। ଏହିକ୍ରମରେ ଓଡ଼ିଶାର ୬ ଜିଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମକୁ ସୁନାମି ପ୍ରବଣ ଅଞ୍ଚଳ ଭାବେ ଚିହ୍ନଟ କରାଯାଇଛି। ଏସବୁ ଜିଲାର ସମୁଦ୍ର କୂଳିଆ ଲୋକଙ୍କ ସୁରକ୍ଷା ନିରାପତ୍ତା ପାଇଁ ବିଭିନ୍ନ ପ୍ରକାର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଆଗକୁ ସୁନାମି ଆସିଲେ କି ପ୍ରକାର ପଦକ୍ଷେପ ନିଆଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବୈଠକରେ ଜଗତସିଂହପୁର ଏଡିଏମ ଚିନ୍ମୟୀ ବିଶ୍ୱାଳ, ପାରାଦୀପ ଏଡିଏମ୍ କାହ୍ନୁଚରଣ ଧୀର, ପୌରନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଏହାବ୍ୟତୀତ ବିଭିନ୍ନ ବିଭାଗୀୟ ଅଧିକାରୀ, ଶିଳ୍ପସଂସ୍ଥାର ପ୍ରତିନିଧି, ସଂଘୀୟ କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଜବରଦଖଲ ଉଚ୍ଛେଦ ପାଇଁ ବିକ୍ଷୋଭ



ତହସିଲ ସମ୍ମୁଖରେ ୩ ଗାଁର ଲୋକ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**୩ ଗ୍ରାମର ଶତାଧିକ ଲୋକଙ୍କ ପଦଯାତ୍ରା**

**ମହାକାଳପଡ଼ା, ୫।୧୦(ଡି.ଏନ.ଏ.)**

ମହାକାଳପଡ଼ା ବ୍ଲକ ଅଧୀନ ବଉଳକଣି ପଞ୍ଚାୟତର ପ୍ରଭାକରପୁର, ତୋଷିଆବେଲାରି, ଖ୍ୱାଇଁପଡ଼ା ଗାଁ ରହିଛି। ଏଠାରେ ଥିବା ସରକାରୀ ଜମିକୁ ଜଣେ ବ୍ୟକ୍ତି ଜବରଦଖଲରେ ରଖିବାରୁ ରାସ୍ତା, ଅଙ୍ଗନଓ୍ୱାଡି କେନ୍ଦ୍ର ଗୃହ ଓ ବିଭିନ୍ନ ଉନ୍ନୟନମୂଳକ କାମ ହୋଇ ପାରୁନାହିଁ। ଏଭଳି କି ଭଲ ରାସ୍ତାଟିଏ ନ ଥିବାରୁ ଗାଁକୁ ରୋଗୀଙ୍କୁ ନେବାକୁ ଆମ୍ବୁଲାନ୍ସଟିଏ ଆସିପାରୁନି। ତେଣୁ ସରକାରୀ ଜମିରୁ ତୁରନ୍ତ ଜବରଦଖଲ ଉଚ୍ଛେଦ କରିବାକୁ ଦାବି ହେଉଛି। ଏହାର ପ୍ରତିବାଦରେ ମଙ୍ଗଳବାର ୩ ଗାଁର ୫ ଶହରୁ ଉର୍ଦ୍ଧ୍ୱ ଲୋକ ଶୋଭାଯାତ୍ରାରେ ବାହାରି ହାତରେ ପ୍ଲାକକାର୍ଡ ଧରି ଗାଁଠାରୁ ୧୦ କିମି ଦୂର ମହାକାଳପଡ଼ା ତହସିଲ କାର୍ଯ୍ୟାଳୟଠାରେ ପହଞ୍ଚି ଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଦାବିପତ୍ର ଅତିରିକ୍ତ ତହସିଲଦାର ପ୍ରଦୀପ ସେଠୀଙ୍କୁ ପ୍ରଦାନ କରିଥିଲେ।

୩ ଗାଁର ମୁଖ୍ୟ ରାସ୍ତାକୁ ସଂଯୋଗ କରୁଥିବା ସରକାରୀ ଜମିକୁ ଦୀର୍ଘବର୍ଷ ହେଲା ଜଣେ ବ୍ୟକ୍ତି ଜବରଦଖଲ କରିଛନ୍ତି। ଫଳରେ ଅଙ୍ଗନଓ୍ୱାଡି, ପୋଖରୀ ଖନନ, ଭାଗବତ ଟୁଙ୍ଗୀ, କୋଠଘର ପାଇଁ ଜମି ନ ଥିବାରୁ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି ବୋଲି ଲୋକେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ଉକ୍ତ ଜମିକୁ ଜବରଦଖଲ ମୁକ୍ତ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ତେବେ ଗାଁର ଏହି ଜମି ସମସ୍ୟା ନେଇ ପୂର୍ବରୁ ବିବାଦ ଦୀର୍ଘଦିନ ହେବ ଲାଗି ରହିଛି। ତେବେ ଏହି ଜମି ସମସ୍ୟାକୁ ନେଇ ଗ୍ରାମବାସୀ ଓ ଜବରଦଖଲକାରୀଙ୍କ ପରିବାର ମଧ୍ୟରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ମାମଲା ଚାଲିଥିବା କୁହାଯାଇଛି। ଏହି ୩ ଗ୍ରାମରେ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟ ଓ ଦଳିତ ପରିବାର। ୩ ଶହରୁ ଅଧିକ ପରିବାର ମଧ୍ୟରେ ଏକ ହଜାରରୁ ଅଧିକ ଲୋକ ବସବାସ କରୁଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ପ୍ରଭାକରପୁର ଗ୍ରାମର ସମସ୍ୟାକୁ ନେଇ ସରକାରୀ ଜମିର ସରଜମିନ ତଦନ୍ତ କରାଯାଇ ଆଇନ ଅନୁସାରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ପ୍ରକୃତିବନ୍ଧୁ, ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ

**ରାଜନଗର, ୫।୧୦(ଡି.ଏନ.ଏ.)**

ବନ୍ୟପ୍ରାଣୀ ସୁରକ୍ଷା ଓ ସଂରକ୍ଷଣରେ ପ୍ରମୁଖ ଭୂମିକା ନିଭାଉଥିବା ବନ କର୍ମଚାରୀ ହେମନ୍ତ ପାଣିଗ୍ରାହୀଙ୍କୁ ମଙ୍ଗଳବାର ଉପଖଣ୍ଡସ୍ତରୀୟ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ପ୍ରଦାନ କରାଯାଇଛି। ବନ୍ୟପ୍ରାଣୀ ସପ୍ତାହ ଅବସରରେ ଡାଙ୍ଗମାଳଠାରେ ଆୟୋଜିତ ଉତ୍ସବରେ ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ବନବିଭାଗର କର୍ମଚାରୀଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ପାଣିଗ୍ରାହୀ ୧୯୮୩ରେ ବନବିଭାଗରେ ଅସ୍ଥାୟୀ କର୍ମଚାରୀ ଭାବେ ଯୋଗ ଦେଇଥିଲେ। ସେହିଦିନଠାରୁ ଭିତରକନିକାର ଲୁଣା ଜଙ୍ଗଲ ସହ ପଶୁପକ୍ଷୀ, ବନ୍ୟଜନ୍ତୁ, ସରୀସୃପଙ୍କ ସୁରକ୍ଷା ଓ ସଂରକ୍ଷଣ ଦିଗରେ କାମ କରି ଆସୁଛନ୍ତି। ସେହିପରି ୬୭ତମ ବନ୍ୟପ୍ରାଣୀ ସପ୍ତାହ ଅବସରରେ କନିକା ରେଞ୍ଜ ଅଫିସର ମାନସ କୁମାର ଦାସଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ କୁସୁନୁପୁର ଗାଁର ନରହରି ରାଉତ, ବେଲତଳ ଗାଁର ମନୋରଞ୍ଜନ ଦାସ, ରାଇସର ଗାଁର ପ୍ରକାଶ ଚନ୍ଦ୍ର ଜେନା, ଟାଉନ ବଳରାମପୁରର ପାର୍ଥ ସାରଥି ବେହେରାଙ୍କୁ ପ୍ରକୃତିବନ୍ଧୁ ପୁରସ୍କାର ପ୍ରଦାନ କରାଯାଇଛି। ରାଜନଗର ହେଲ୍‌ପ କ୍ଲବ ପକ୍ଷରୁ ପ୍ରସନ୍ନ କୁମାର ନାୟକ, ଦେଉଳି ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା, ଯୁବଜ୍ୟୋତି ବାଳିକା ଉଚ୍ଚ ବିଦ୍ୟାଳୟ ଚଢେଇଗୁଆଁର ପ୍ରଧାନ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ସାହୁ, ରୟାଲ ମ୍ୟୁଜିକ ସ୍କୁଲ ଇନ୍ଦୁପୁରର ସମ୍ପାଦକ ଦେବାଶିଷ ସାମଲଙ୍କୁ ପ୍ରକୃତି ମିତ୍ର ପୁରସ୍କାର ପ୍ରଦାନ କରାଯାଇଛି। ଏମାନଙ୍କୁ ମାନପତ୍ର ସହ ଆର୍ଥିକ ଅନୁଦାନ ରାଶି ପ୍ରଦାନ କରାଯାଇଛି। ଡିଏଫ୍‌ଓ ଡ. ପତି, ଏସିଏଫ ବିରଞ୍ଚି ନାରାୟଣ ସାମଲ ଏହି ପୁରସ୍କାର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ମହାକାଳପଡ଼ା ରେଞ୍ଜ ଅଫିସର ସାହାଜି ବିଶ୍ୱାଳ, ଫରେଷ୍ଟର କପିଳେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ ପରିଚାଳନା କରିଥିଲେ।

## ଜିଲା କଂଗ୍ରେସ ପକ୍ଷରୁ ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା



ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ କଂଗ୍ରେସ ପକ୍ଷରୁ ଧାରଣା ଦିଆଯାଇଛି।

**ଚାଷୀ ମୃତ୍ୟୁ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କୁ ଗିରଫର ପ୍ରତିବାଦ**

**ଜଗତ୍‌ସିଂହପୁର ଅଫିସ/ କୁଜଙ୍ଗ, (ଡି.ଏନ୍.ଏ.)୫।୧୦**

ଉତ୍ତରପ୍ରଦେଶର ଲଖିମପୁର ଖେରି ଅଞ୍ଚଳରେ ଚାଷୀ ଆନ୍ଦୋଳନ ବେଳେ କେନ୍ଦ୍ରମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଆଶିଷଙ୍କ ଗାଡ଼ି ସମେତ ୩ ଏସ୍‌ୟୁଭି ଚାଷୀଙ୍କ ଉପରେ ମାଡ଼ି ଯାଇଥିଲା। ଏହାର ପରବର୍ତ୍ତୀ ହିଂସାକାଣ୍ଡରେ ୪ ଚାଷୀଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ହୋଇଥିଲା। ଆନ୍ଦୋଳନସ୍ଥଳକୁ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ଭଦ୍ରା ଯିବାକୁ ଚେଷ୍ଟା କଲାବେଳେ ତାଙ୍କୁ ଗିରଫ କରାଯାଇଥିଲା। ଏହାର ପ୍ରତିବାଦରେ ମଙ୍ଗଳବାର ଜଗତସିଂହପୁର ଜିଲା କଂଗ୍ରେସ ପକ୍ଷରୁ ଥାନା ପରିସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଛି। ଜିଲା କଂଗ୍ରେସ ସଭାପତି ନଟବର ବାରିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଧାରଣାରେ ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଜିଲା ସାଧାରଣ ସମ୍ପାଦକ ମହମ୍ମଦ ସମିମ୍, ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ ଲିପକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କୁଜଙ୍ଗ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଏଭଳି କାର୍ଯ୍ୟକୁ ବିରୋଧ କରାଯାଇଛି। ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କୁ ପ୍ରଦାନ କରାଯାଇଛି।

## ଖୋଲା ଗାଡ଼ିରେ ଶ୍ରମିକଙ୍କୁ ନେବାରୁ ଜରିମାନା ଆଦାୟ

**ପାରାଦୀପ, ୫।୧୦(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ନିଷିଦ୍ଧାଞ୍ଚଳର ବିଭିନ୍ନ କାମ ପାଇଁ କିଛି ଠିକାସଂସ୍ଥା ଅସ୍ଥାୟୀ ଶ୍ରମିକମାନଙ୍କୁ ଖୋଲାଗାଡିରେ (୪୦୭, ପିକ୍‌ଅପ ଓ ଡାଲାବଡି ଥିବା ବୋଲେରୋ) ନେବା ଆଣିବା କରିଥାନ୍ତି। ଏହା ବିପଜ୍ଜନକ ହୋଇଥିବାରୁ ମଙ୍ଗଳବାର ଜଗତ୍‌ସିଂହପୁର ଆରଟିଓ ପକ୍ଷରୁ ଚଢ଼ାଉ କରାଯାଇଛି। ଆଞ୍ଚଳିକ ପରିବହନ ବିଭାଗର ଟ୍ରାଫିକ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ମହାପାତ୍ର ଓ ଟିମ୍ ସକାଳୁ ପାରାଦୀପ ଆଦର୍ଶ ଥାନା ସମ୍ମୁଖ ୪ନଂ. ଗେଟ ପାଖରେ ଏହି ଚଢ଼ାଉ କରିଥିଲେ। ଏହି ଅବସରରେ ୫ ଗାଡ଼ିରୁ ଜରିମାନା ବାବଦରେ ୫୫୦୦ଟଙ୍କା ଲେଖାଏ ହିସାବରେ ମୋଟ ୨୭,୫୦୦ଟଙ୍କା ଆଦାୟ କରାଯାଇଛି। ଏହାପରେ ଗାଡ଼ିଗୁଡିକୁ ଛାଡ଼ି ଦିଆଯାଇଛି।

## ଉଠା ପରିବା ବ୍ୟବସାୟୀ ହନ୍ତସନ୍ତ

**ପାରାଦୀପ,୫।୧୦(ସ୍ୱ.ପ୍ର.)**

ପାରାଦୀପର ମୁଖ୍ୟ ବଡପଡିଆ ବଜାରର ଉଠା ପରିବା ବ୍ୟବସାୟୀମାନେ ୨ଦିନ ହେଲା ହନ୍ତସନ୍ତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କେତେଜଣ ଦଳ ହୋଇ ପ୍ରଶାସନିକ ଅଧିକାରୀଙ୍କୁ ଭେଟୁଛନ୍ତି। ଆଉ କେତେଜଣ ପରିବା ପିଣ୍ଡିରେ ଦଳ ହୋଇ ବସୁଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବ୍ୟବସାୟୀ ସନ୍ତୁ ପ୍ରଧାନ କୁହନ୍ତି, ଏବେ ଆମକୁ ହଠାତ ପୁରୁଣା ଜାଗାକୁ ଯିବାକୁ ବନ୍ଦର ସମ୍ପଦ ବିଭାଗ ପକ୍ଷରୁ କୁହାଯାଇଛି। ସେଥିପାଇଁ ଏମିତି ହେଉଛି।

ସୂଚନାଯୋଗ୍ୟ, ପାରାଦୀପର ମୁଖ୍ୟ ପରିବା ବଜାର ବଡପଡିଆ ବନ୍ଦର ପ୍ରଶାସନିକ ଭବନ ପଛ ପଟେ ଦୀର୍ଘବର୍ଷ ହେଲା ଚାଲିଥିଲା। ଉକ୍ତ ବଜାରରେ ବ୍ୟବସାୟୀମାନେ ପାଖାପାଖି ବସନ୍ତି। ପ୍ରାୟତଃ ଗହଳି ରୁହେ। ଗତବର୍ଷ କୋଭିଡ୍ କଟକଣା ଓ ସାମାଜିକ ଦୂରତ୍ୱ ଯୋଗୁ ସେହି ବଜାରକୁ ଅସ୍ଥାୟୀ ଭାବେ ବ୍ୟାଙ୍କଲେନ୍ ଛକ ଅଞ୍ଚଳକୁ ସ୍ଥାନାନ୍ତର କରାଯାଇଥିଲା। ୨୦୨୦ ମାର୍ଚ୍ଚଠାରୁ ନଭେମ୍ବର ପର୍ଯ୍ୟନ୍ତ ବ୍ୟାଙ୍କଲେନ ପାଖରେ ପରିବା ବଜାର ଚାଲିଥିଲା। କରୋନା ସଂକ୍ରମଣ ହ୍ରାସ ପାଇବାରୁ ପୁଣି ବ୍ୟବସାୟୀଙ୍କୁ ମୂଳସ୍ଥାନକୁ ପଠାଗଲା। ଚଳିତବର୍ଷ ଫେବୃୟାରୀରେ ପୁଣି ସଂକ୍ରମଣ ବଢ଼ିବାରୁ ସେହି ବ୍ୟବସାୟୀଙ୍କୁ ବ୍ୟାଙ୍କଲେନ ପାଖକୁ ପଠାଗଲା। ଏବେ କରୋନା ସଂକ୍ରମଣ ନିମ୍ନଗାମୀ ହେବାରୁ ସୋମବାର ମୂଳସ୍ଥାନକୁ ଯିବାକୁ କୁହାଯାଇଛି। ବାରମ୍ବାର ଉଠାପକା ହେଉଥିବାରୁ ଆମକୁ ଅଯଥା ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି କୁହନ୍ତି, ମହିଳା ବ୍ୟବସାୟୀ ମାଳତି ମାନ୍ନା। ତାଙ୍କ ମତରେ ୪୦ରୁ ଅଧିକ ମହିଳା କୁଜଙ୍ଗ ଅଞ୍ଚଳରୁ ପରିବା ଆଣି ଖୋଲାରେ ବସି ବିକ୍ରି କରନ୍ତି। ଖରାବର୍ଷାରୁ ରକ୍ଷା ପାଇବା ପାଇଁ ଅସ୍ଥାୟୀ ବାଉଁଶ ପାଲ ଘର କରିଛୁ। ଏମିତି ଏପଟ ସେପଟ ହେବାଦ୍ୱାରା ସେଗୁଡିକ ନଷ୍ଟ ହୋଇ ଯାଉଛି। ସେଥିପାଇଁ ଆମେ ପୌରପାଳିକା ଅଧିକାରୀ, ଏଡିଏମ୍, ବନ୍ଦର ସମ୍ପଦ ବିଭାଗ ଅଧିକାରୀଙ୍କୁ ଭେଟିଲୁଣି। ପୁଣି ଯଦି କରୋନା ତୃତୀୟ ଲହର ଆସେ ସେତେବେଳେ ଆଉ ସ୍ଥାନାନ୍ତର ନ କରିବା ପାଇଁ ଅନୁରୋଧ କରିଛୁ।

# ନଦୀରୁ ଆଡ଼ିବନ୍ଧ ଭାଙ୍ଗିଲା ପ୍ରଶାସନ

**କୁଜଙ୍ଗ,୫।୧୦(ଡି.ଏନ.ଏ.)**

କୁଜଙ୍ଗ ତହସିଲ ଅଞ୍ଚଳରେ ବେଆଇନ ଭାବେ ଜଳ ନିଷ୍କାସନ ପଥ, ନଦୀପଥକୁ ଅବରୋଧ ଓ ଜବରଦଖଲ କରାଯାଇ ଆଡି ବନ୍ଧ କରାଯାଇଛି। ଲଗାଣ ବର୍ଷା ସମୟରେ ୧୫ ଦିନ ପର୍ଯ୍ୟନ୍ତ ସ୍ଥାନୀୟ ଅଞ୍ଚଳରୁ ଜଳ ନିଷ୍କାସନ ହୋଇ ପାରି ନ ଥିଲା। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ନେଇ ପ୍ରଶାସନ ପାଖରେ ସ୍ଥାନୀୟ ଲୋକ ବାରମ୍ବାର ଅଭିଯୋଗ କରିବା ପରେ ମଙ୍ଗଳବାର ଆଡି ବନ୍ଧକୁ ଭାଙ୍ଗିବା କାର୍ଯ୍ୟ ଆରମ୍ଭ ହୋଇଛି। ଏଥିଯୋଗୁ ଜଳ ନିଷ୍କାସନରେ ଆଉ ବାଧକ ରହିବ ନାହିଁ ବୋଲି କୁହାଯାଇଛି।

ସୂଚନାଯୋଗ୍ୟ, ଜଳ ନିଷ୍କାସନ ପଥ ଅବରୋଧ ଯୋଗୁ ସେପ୍ଟେମ୍ବର ଦ୍ୱିତୀୟ ସପ୍ତାହର ଲଗାଣ ବର୍ଷାରେ ଖରିଫ ଧାନ ଓ ପରିବା ଫସଲ ପାଣିରେ ବୁଡି ରହିବାରୁ ପ୍ରଭୁତି କ୍ଷତି ଘଟିଥିଲା। ଅନ୍ୟପକ୍ଷରେ ମଙ୍ଗରାଜପୁର, ଫତେପୁର, ଗଣ୍ଡକିପୁର, ଗୋପୀଆକୁଦ ପ୍ରଭୃତି ପଞ୍ଚାୟତର ହଜାର ହଜାର ଲୋକ ସପ୍ତାହରୁ ଉର୍ଦ୍ଧ୍ୱ ସମୟ ପାଣି ଘେରରେ ରହିଥିଲେ। ଏ ନେଇ ଜନସାଧାରଣ ତହସିଲଦାର ଓ ବିଡିଓଙ୍କୁ ଜଣାଇବା ସହ ଜଳ ନିଷ୍କାସନ ପଥ ଅବରୋଧ ହଟାଇବା ଦାବିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅଭିଯୋଗକୁ ଭିତ୍ତିକରି କୁଜଙ୍ଗ ତହସିଲ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ନଦୀଗୁଡିକରେ ଥିବା ଆଡି ବନ୍ଧକୁ ଭାଙ୍ଗିବା ଆରମ୍ଭ କରାଯାଇଛି। କୁଜଙ୍ଗର ଅତିରିକ୍ତ ତହସିଲଦାର ଡ. ପୂଜା ଲେଙ୍କା, ଡ୍ରେନେଜ ବିଭାଗର ଅଧିକ୍ଷୀଣ ଯନ୍ତ୍ରୀ ହରେକୃଷ୍ଣ ସାହୁ, କୁଜଙ୍ଗ ଥାନା ଅଧିକାରୀ ସର୍ବେଶ୍ୱର ବେହେରା, ଅଭୟଚାନ୍ଦପୁର ଥାନା ଅଧିକାରୀ ପ୍ରଦ୍ୟୁମ୍ନ ବେଉରା ଓ ଏକ ପ୍ଲାଟୁନ ପୋଲିସ ଫୋର୍ସ ସାହାରାପେଣ୍ଠ ମତ୍ସ୍ୟଡିଆ ଅନ୍ତର୍ଗତ ହଳଦୀପାଣି ନଦୀରୁ ଆଡି ବନ୍ଧକୁ ହଟାଇଛନ୍ତି। ପ୍ରଥମ ଦିନରେ ଦୁଇଟି ବଡ ଆଡିକୁ ଭଙ୍ଗା ଯାଇଛି। ମତ୍ସ୍ୟଡିଆ ସାହାରାପେଣ୍ଠ ଅନ୍ତର୍ଗତ ବିଭିନ୍ନ ନଦୀରେ ଆହୁରି ୨ ଶହରୁ ଅଧିକ ଆଡି ଅଛି। ବୁଧବାର ଆଡି ଭଙ୍ଗା ଅଭିଯାନ ଚାଲୁ ରହିବ। ନଦୀପଥ ଅବରୋଧ ହଟିବା ପର୍ଯ୍ୟନ୍ତ ଉକ୍ତ ଆଡି ବନ୍ଧ ଭଙ୍ଗା ଅଭିଯାନ ଜାରି ରହିବ ବୋଲି ତହସିଲଦାର ଲେଙ୍କା କହିଛନ୍ତି।



ନଦୀରେ ଥିବା ଆଡ଼ିବନ୍ଧକୁ ପ୍ରଶାସନ ପକ୍ଷରୁ ଭଙ୍ଗାଯାଉଛି।

**ଯୁବତୀଙ୍କୁ ଗର୍ଭବତୀ ଅଭିଯୋଗରେ ଯୁବକ ଗିରଫ**

**ଚଣ୍ଡିଖୋଲ,(ଡି.ଏନ.ଏ.):** ବଡ଼ଚଣା ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ଗର୍ଭବତୀ କରିବା ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ଚଣା ଦଳେଇ ସାହିର ସନ୍ତୋଷ ଦଳେଇ(୨୮)। ଯୁବକ ଜଣକ ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରଲୋଭନ ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ଫଳରେ ଯୁବତୀ ଗର୍ଭବତୀ ହୋଇଥିଲେ। ତେବେ ଦୁଇମାସ ତଳେ ଯୁବକ ଜଣକ ଅନ୍ୟଜଣଙ୍କୁ ବିବାହ କରିଛନ୍ତି। ଏଘଟଣା ଜଣାପଡ଼ିବା ପରେ ଯୁବତୀ ଥାନାରେ ୨ ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ନଂ.୩୬୬/୨୧ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା।

## ସଂକ୍ଷେପରେ

### ଟ୍ରେନ୍ ଧକ୍କାରେ ବୃଦ୍ଧ ମୃତ

**କଳିଙ୍ଗନଗର,୫।୧୦(ଡି.ଏନ.ଏ.):** ଯାଜପୁର-କେନ୍ଦୁଝର ରୋଡ୍ ଡାକବଙ୍ଗଳା ଛକ ରେଳ ଫାଟକ ନିକଟରେ ମଙ୍ଗଳବାର ଅପରାହ୍ନରେ ଟ୍ରେନ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ଯାଜପୁର ରୋଡ୍ ଥାନା ଅଧୀନ ଦାନଗଦୀ ସୋଲେଇ ଅଞ୍ଚଳର ପ୍ରଦୀପ ଚକ୍ର (୭୦) ବୋଲି ଜଣାପଡ଼ିଛି। ବୃଦ୍ଧ ରେଳଲାଇନ ପାର ହେଉଥିବା ସମୟରେ ଅସାବଧାନତା କାରଣରୁ ମାଲବାହୀ ଟ୍ରେନରେ କଟି ଗୁରୁତର ହୋଇଥିଲେ। ନିକଟରେ ପାଟ୍ରୋଲିଂ କରୁଥିବା ଯାଜପୁର ରୋଡ୍ ଥାନାର ପିସିଆର ବୃଦ୍ଧଙ୍କୁ ଉଦ୍ଧାର କରି ଯାଜପୁର ରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

### ଓଲାଶୁଣୀ ଗୁଳିକାଣ୍ଡ ଘଟଣା, ସୁରାକ ପାଉନି ପୋଲିସ

**ଚଣ୍ଡିଖୋଲ,୫।୧୦(ଡି.ଏନ.ଏ.):** ବାଲିଚନ୍ଦ୍ରପୁର ଥାନା ଓଲାଶୁଣୀ ପାହାଡ଼ରେ ରବିବାର ରାତିରେ ହୋଇଥିବା ଗୁଳିକାଣ୍ଡ ଘଟଣାରେ ପୋଲିସ ଏପର୍ଯ୍ୟନ୍ତ କୌଣସି ସୁରାକ ପାଇନାହିଁ। ଗୁଳିମାଡ଼ରେ ଗୁରୁତର ଯୁବକ ସିଦ୍ଧାନ୍ତ ସାମଲ ଓରଫ୍ ବୁବୁନ କଟକ ବଡ଼ ମେଡିକାଲରେ ଅସ୍ତ୍ରୋପଚାର କରି ଜଙ୍ଘରୁ ଗୁଳି ବାହାର କରାଇଛନ୍ତି। ବୁବୁନଙ୍କ ନିକଟରୁ ପୋଲିସ ସୂଚନା ପାଇ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଥିଲେ ମଧ ସଫଳତା ପାଇନାହିଁ। ପୋଲିସ ସୋମବାର ୩ ଜଣଙ୍କୁ ଆଣି ପଚରାଉଚୁରା କରିଥିଲେ ବି କିଛି ସୂଚନା ପାଇ ନ ଥିବା ଥାନାଧିକାରୀ ବିଜୟିନୀ ମଲ୍ଲ ସୂଚନା ଦେଇଛନ୍ତି। ତେବେ ବୁବୁନଙ୍କ ପୂର୍ବରୁ ବେଆଇନ ମାଛ ଧରା, ଗୋଚାଲାଣ ଓ ରାଜନୈତିକ ଶତ୍ରୁତା ଥିଲା। ତେଣୁ ଏସବୁ ଦିଗକୁ ନଜରରେ ରଖି ପୋଲିସ ଖୋଲତାଡ଼ ଆରମ୍ଭ କରିଛି।

### ଶହୀଦ ବାଜି ରାଉତଙ୍କ ଜୟନ୍ତୀ

**ଧର୍ମଶାଳା,୫।୧୦(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ବୃନ୍ଦାଦେଇପୁର ଶାସନସ୍ଥିତ ଐତିହାସିକ ପ୍ରଜାମଣ୍ଡଳ ପଡ଼ିଆଠାରେ ଶହୀଦ ବାଜି ରାଉତ ସ୍ମୃତି ସଂସଦ ପକ୍ଷରୁ ବାଜି ରାଉତଙ୍କ ୯୬ ତମ ଜନ୍ମ ଜୟନ୍ତୀ ମଙ୍ଗଳବାର ପାଳିତ ହୋଇଯାଇଛି। ସ୍ମୃତି ସଂସଦ ସଭାପତି ଅଶ୍ୱିନୀ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଦେବବ୍ରତ ରାଉତ, ହୃଷୀକେଶ ଶତପଥୀ, ବାଜି ରାଉତ ପାଠାଗାର ସଭାପତି ଶରତ ବାରିକ, ଚୈତନ୍ୟ ମହାରଣା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବାଜି ରାଉତଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଜୟନ୍ତୀ କମିଟି ସମ୍ପାଦକ ସିଦ୍ଧାର୍ଥ ମହାନ୍ତି, ନୀଳମଣି ଭୁତିଆ, କିଶୋର ଦାସ ପ୍ରମୁଖ ଯୋଗଦେଇ ବାଜି ରାଉତଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହିତ ତାଙ୍କ ବଳିଦାନକୁ ମନେ ପକାଇଥିଲେ।

### ମୃତ ଖବରଦାତାଙ୍କ ପରିବାରକୁ ମିଳିଲା ୧୫ ଲକ୍ଷ

**ଯାଜପୁର ଟାଉନ,୫।୧୦(ଡି.ଏନ.ଏ.):** ଯାଜପୁର ସହରର ଖବରଦାତା ପ୍ରଭାତ ରାଉତରାୟଙ୍କ କରୋନାରେ ମୃତ୍ୟୁ ଘଟିଥିବା ବେଳେ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ତାଙ୍କ ପରିବାରକୁ ୧୫ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏହି ଅର୍ଥ ରାଉତରାୟଙ୍କ ସ୍ତ୍ରୀ ମଞ୍ଜୁଲତାଙ୍କ ଆକାଉଣ୍ଟକୁ ଇଲେକ୍ଟ୍ରୋନିକ୍ସ ଟ୍ରାନ୍ସଫର ମାଧମରେ ଦିଆଯାଇଛି। କାର୍ଯ୍ୟକ୍ରମରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ବେହୁରିଆ, ଅତିରିକ୍ତ ଜିଲାପାଳ ଅକ୍ଷୟ ମଲ୍ଲିକ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିନା ଅନୁମତିରେ ଚାଲିଛି ହାର୍ଡକୋକ୍ ପ୍ଲାଣ୍ଟ

- ବାୟୁ ପ୍ରଦୂଷଣ ଉତ୍କଟ, ଛାତ୍ରୀଛାତ୍ର ହନ୍ତସନ୍ତ
- ଏସ୍‌ପିସିବିର କାର୍ଯ୍ୟାନୁଷ୍ଠାନ ଶୂନ୍

**ଯାଜପୁର ଅଫିସ,୫।୧୦**

ଶିଳ୍ପ ପ୍ରଦୂଷଣ ରୋକିବାକୁ ଦୃଢ଼ ପଦକ୍ଷେପ ନିଆଯାଉଥିବା ଓ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ରାଜସ୍ୱ ଡିଭିଜନ କମିଶନର ବ୍ୟକ୍ତିଗତ ଭାବେ ଦାୟୀ ରହିବେ ବୋଲି ସରକାର ଘୋଷଣା କରିଛନ୍ତି। ହେଲେ ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଅଞ୍ଜିରା ମୌଜାର ପ୍ରାୟ ୫୦ ଏକର ସରକାରୀ ଜମିରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସ୍‌ପିସିବି)ର ବିନା ଅନୁମତିରେ ପିଓର ହାର୍ଡକୋକ୍ ପ୍ରାଇଭେଟ ଲିଃ ଏବଂ କ୍ରିଷ୍ଣା ହାର୍ଡକୋକ୍ ପ୍ଲାଣ୍ଟ ଚାଲିଛି। ଏସ୍‌ପିସିବି କର୍ତ୍ତୃପକ୍ଷଙ୍କ ଜାଣତରେ ଏହି ଦୁଇ ପ୍ରଦୂଷିତ କାରଖାନା ଚାଲିଥିବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଫଳରେ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିବାରୁ ଆଖପାଖ ଅଞ୍ଚଳ ବାୟୁ ଓ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଛି।

ଅଞ୍ଜିରା ମୌଜାର ଶାବକଖାତା ନମ୍ବର ୪୧୬, ହାଲ ଖାତା ନମ୍ବର ୧୭୨୮, ପ୍ଲଟ ନମ୍ବର ୬୩୬୮/୬୩୪୪/୬୩୩୬ /୬୩୧୬/୬୩୪୫/୬୩୩/୬୩୧୭ ସରକାରୀ ଜମିକୁ ହାର୍ଡକୋକ୍ କମ୍ପାନୀ ମାଡ଼ି ବସିଛି। ସ୍ଥାନୀୟ କେତେଜଣ ପ୍ରଭାବଶାଳୀ ନେତାଙ୍କ ସହଯୋଗରେ ରାଜ୍ୟ ବାହାରର ଜଣେ ବ୍ୟକ୍ତି ସରକାରୀ ଜମି ମାଡି ଏଭଳି ବେଆଇନ କାର୍ଯ୍ୟ କରୁଥିଲେ ହେଁ କେହି କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ଜୁଟାଇ ପାରୁନାହାନ୍ତି। ଅଞ୍ଜିରା ପାହାଡ଼ରେ


ଅଞ୍ଜିରା ମୌଜାରେ ଥିବା ହାର୍ଡକୋକ୍ ପ୍ଲାଣ୍ଟ।

ଏକାଧିକ କଳାପଥର ଖାଦାନ ରହିଛି। ବିଭିନ୍ନ ସମୟରେ ଜିଲାପ୍ରଶାସନ ଓ ଏସ୍‌ପିସିବିର ଅଧିକାରୀ ଅଞ୍ଜିରା ପାହାଡ଼କୁ ବିଭିନ୍ନ କାର୍ଯ୍ୟରେ ଗସ୍ତ କରିଥାନ୍ତି। କିନ୍ତୁ ୨୫ ଏକର ପରିମିତ ଅଞ୍ଚଳରେ ବେଆଇନ ହାର୍ଡକୋକ୍ ପ୍ଲାଣ୍ଟ ଚାଲିଥିଲେ ହେଁ କାହାରି ନଜରକୁ ନ ଆସିବା ସେମାନଙ୍କ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିପରି ଉକ୍ତ ପ୍ଲାଣ୍ଟ ନିକଟରେ କୃଷ୍ଣ ହାର୍ଡକୋକ୍ ନାମରେ ଅନ୍ୟ ଏକ ବେଆଇନ ପ୍ଲାଣ୍ଟ କାର୍ଯ୍ୟକ୍ଷମ ରହିଛି। ଏହି ପ୍ଲାଣ୍ଟ ମଧ ପ୍ରାୟ ୨୦ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜମି ମାଡ଼ି ବସିଛି। ପ୍ଲାଣ୍ଟ ଚଳାଇବାକୁ ପରିବେଶ ଅନୁମତି କିମ୍ବା ଜନଶୁଣାଣି ହୋଇ ନ ଥିବା ଆଖପାଖ ଗ୍ରାମବାସୀ ପ୍ରକାଶ କରିଛନ୍ତି। ଉପରୋକ୍ତ ୨ ପ୍ଲାଣ୍ଟର ଚିମିନିରୁ ନିର୍ଗତ ହେଉଥିବା ବିଷାକ୍ତ କଳାଧୂଆଁ ବାୟୁମଣ୍ଡଳକୁ ପ୍ରଦୂଷିତ କରୁଥିବାବେଳେ ଏଥିଯୋଗୁ ଆଖପାଖ ଗ୍ରାମବାସୀ ଅଣନିଃଶ୍ୱାସୀ ହୋଇ ପଡୁଛନ୍ତି। ପ୍ଲାଣ୍ଟ ନିକଟରେ ବାଲିସାହି, ଭେଜିଗୋଠ, ଶ୍ୟାମସୁନ୍ଦରପୁର, ଗୋଡିପାଟିଆ, ମକୁନ୍ଦପୁର, ମୁରାରୀପୁର, ଅଳସଗଣ୍ଡ, ବୁରୁସାହି, ଅଞ୍ଜିରା, ଗମ୍ଭାରିଆ ଆଦି ଗ୍ରାମ ରହିଛି। ଏଥିସହ ଅଞ୍ଜିରା ଆବାସିକ ବିଦ୍ୟାଳୟ ଓ ବାଲିସାହିଠାରେ ପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ସହ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଅଛି। ଏସ୍‌ପିସିବିର ସର୍ତ୍ତ ଅନୁସାରେ କାରଖାନା ଓ ଏହାର ଆଖପାଖ ଅଞ୍ଚଳରେ ଆବଶ୍ୟକ ସବୁଜ ବଳୟ ନାହିଁ । ଫଳରେ କାରଖାନାରୁ ନିର୍ଗତ କଳା ପାଉଁଶର ଆସ୍ତରଣ ସମଗ୍ର ଅଞ୍ଚଳକୁ ଆଚ୍ଛାଦିତ କରିଛି। ଅପରାହ୍ନ ୫ଟାରୁ ସକାଳ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳରେ କଳା ଓ ଧଳା ପାଉଁଶ କୁହୁଡ଼ିର ଭ୍ରମ ସୃଷ୍ଟି କରୁଛି । ଘରଦ୍ୱାର, ଗଛପତ୍ର, ଜମି, ବନ୍ଧ, ଜଳାଶୟ ପାଉଁଶ ବର୍ଷାରେ ପୋତି ହୋଇଯାଉଛି। ଲୋକଙ୍କ ଲୁଗାପଟାରେ କଳା ଆସ୍ତରଣ ଜମାଟ ବାନ୍ଧୁଛି। ଖୋଲା କୂଅ ପାଣି ପାନୀୟ ଉପଯୋଗୀ ହୋଇ ରହୁନାହିଁ। ଜନବସତି ଆଉ ଜଳଉତ୍ସ ଏହି ପାଉଁଶ ପ୍ରଭାବରେ ପ୍ରଦୂଷିତ ହେବା ସହ ବାୟୁ ପ୍ରଦୂଷଣ ଯୋଗୁ ସମଗ୍ର ଅଞ୍ଚଳରେ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଛି। ଆଖପାଖର ଚାରଣ ଭୂମି ପାଉଁଶ ପ୍ରଭାବରେ ପ୍ରଦୂଷିତ ହେବାରୁ ଗୃହପାଳିତ ପଶୁଙ୍କ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇଛି। କୋମଳମତି ଛାତ୍ରୀଛାତ୍ରଙ୍କ ଉପରେ ବାୟୁ ପ୍ରଦୂଷଣର ପ୍ରଭାବ ରହୁଛି। ତଥାପି ଏସ୍‌ପିସିବି କର୍ତ୍ତୃପକ୍ଷ ଏହା ଉପରେ ନୀରବ ରହିବା ଅଞ୍ଚଳବାସୀ ସହଜରେ ଗ୍ରହଣ କରି ପାରୁନାହାନ୍ତି। ତୁରନ୍ତ ଏଥିପ୍ରତି ଆବଶ୍ୟକ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଏ ସଂକ୍ରାନ୍ତରେ ଏସ୍‌ପିସିବିର କଳିଙ୍ଗନଗର ଆଞ୍ଚଳିକ ଅଧିକାରୀ ପ୍ରମୋଦ କୁମାର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ହାର୍ଡକୋକ୍ ପ୍ଲାଣ୍ଟ ବିରୋଧରେ ଅଭିଯୋଗ ହେଲେ ଆବଶ୍ୟକ ତଦନ୍ତ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

## ଜଳ ନିଷ୍କାସନ ପାଇଁ ଜବରଦଖଲ ଉଚ୍ଛେଦ


ଜବରଦଖଲ ଉଚ୍ଛେଦ କରାଯାଉଛି।

**ବରୀ,୫।୧୦(ଡି.ଏନ.ଏ.)**

ବରୀ ବ୍ଲକ୍ ଅଞ୍ଚଳରେ ଗତ ବର୍ଷ ପ୍ରଳୟଙ୍କରୀ ବନ୍ୟା ଆସିବାରୁ ବହୁ ଅଞ୍ଚଳ ଚାଷଜମି ଜଳମଗ୍ନ ହୋଇଥିଲା। ରତଲାଙ୍ଗ ପଞ୍ଚାୟତର ଶହଶହ ହେକ୍ଟର ଚାଷଜମିରୁ ବନ୍ୟା ଜଳ ନିଷ୍କାସିତ ହୋଇ ନ ପାରିବାରୁ ଫସଲ ଉଜୁଡ଼ି ଯାଇଥିଲା। ପରବର୍ତ୍ତୀ ସମୟରେ ଉକ୍ତ ସମସ୍ୟା ସମ୍ପର୍କରେ ଚାଷୀମାନେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯାଜପୁର ଜିଲାପାଳ ଓ ବରୀ ତହସିଲଦାରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ମାତ୍ର କୌଣସି ସମାଧାନ ହୋଇ ନ ଥିଲା। ଫଳରେ ଚଳିତ ବର୍ଷ ବନ୍ୟା ଆସିବାରୁ ପୁଣି ଅଞ୍ଚଳର ଚାଷଜମି ଜଳମଗ୍ନ ହୋଇଥିଲା। ଏନେଇ ଅଞ୍ଚଳର ପ୍ରାକ୍ତନ ସମିତିସଭ୍ୟ ପଦ୍ମନାଭ ସାମଲଙ୍କ ସହିତ ସ୍ଥାନୀୟ ଲୋକେ ପୁନଶ୍ଚ ପ୍ରଶାସନ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗ ପରେ ମଙ୍ଗଳବାର ତହସିଲଦାର ମାନସ ରଞ୍ଜନ ଭୋଇ ସମ୍ପୃକ୍ତ ପଞ୍ଚାୟତରେ ପହଞ୍ଚି ଜେସିବି ମେସିନ ସାହାଯ୍ୟରେ ସରକାରୀ ଜମିରୁ ଜବର ଦଖଲ ହଟାଇଛନ୍ତି। ତେବେ ଦୀର୍ଘଦିନ ଧରି ଜଳ ନିଷ୍କାସିତ ହୋଇ ନ ପାରିବାରୁ ଅଞ୍ଚଳର ଚାଷୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିଲେ। କିନ୍ତୁ ଏହାର ସମାଧାନ ଦିଗରେ କୌଣସି ରାଜନେତା ଉଦ୍ୟମ କରୁ ନ ଥିଲେ ବୋଲି ଲୋକେ ଅଭିଯୋଗ କରିଛନ୍ତି।

## ସ୍ୱଚ୍ଛତା, ଶ୍ରମଦାନ କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ବିଜେଡି କର୍ମକର୍ତ୍ତା।

**ବିଞ୍ଝାରପୁର,୫।୧୦(ଡି.ଏନ.ଏ.)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ମାଁସଡା ଗ୍ରାମରେ ବିଜେଡି ପକ୍ଷରୁ ସ୍ୱଚ୍ଛତା ଓ ଶ୍ରମଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ରାମଚନ୍ଦ୍ର ବେହେରାଙ୍କ ସମେତ ଶତାଧିକ ବିଜେଡି କର୍ମୀ ଏକାଠି ହୋଇ ମାଁସଡା ଉପ୍ରା ବିଦ୍ୟାଳୟ ପରିସର ସମେତ ଆଖପାଖ ବସ୍ତିରୁ ଅଳିଆ ଆବର୍ଜନା ସଫା କରିବା ସହ ଜନ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ଦିଲ୍ଲୀପ ରାଉଳ, ରଞ୍ଜନ ଜେନା, ଶ୍ୟାମସୁନ୍ଦର ବେହେରା, ପୁଲିନ ଦାସ, ଆନନ୍ଦ ଦାସ, ମୈତ୍ରୀକେତନ ବାରିକ, ଶିବପ୍ରସାଦ ବେହେରା, କୁନାଲ ଦାସ, ସୁଶାନ୍ତ ଜେନା, ଶ୍ରୀକାନ୍ତ ଜେନା, ଜ୍ୟୋତିପ୍ରକାଶ ବେହେରା, ଉପେନ୍ଦ୍ର ମଲ୍ଲିକ ପ୍ରମୁଖ ସାମିଲ ଥିଲେ।

# ନୀଳାଚଳରେ ନକଲି ନମ୍ବର ଥିବା ୩ ଟ୍ରେଲର

**ଯାଜପୁର ଅଫିସ,୫।୧୦**

କଳିଙ୍ଗନଗରରେ ଥିବା ଏକମାତ୍ର ସରକାରୀ କାରଖାନା ନୀଳାଚଳ ଇସ୍ପାତ୍ ନିଗମ ଲିଃ (ଏନ୍‌ଆଇଏନ୍‌ଏଲ୍) ବନ୍ଦ ହେବାର ଇତିମଧ୍ୟରେ ଦେଢ଼ ବର୍ଷ ଅତିକ୍ରାନ୍ତ ହୋଇସାରିଛି। ଅତିଶୟ ଦୁର୍ନୀତି, ସାମଗ୍ରୀ କିଣାବିକାରେ ହରିଲୁଟ, ପରିଚାଳନାଗତ ତ୍ରୁଟି, କର୍ମଚାରୀ ଓ ଶ୍ରମିକଙ୍କ ଦରମା ପ୍ରଦାନରେ ବିଳମ୍ବ ଆଦି ଘଟଣା ଯୋଗୁ ଏନ୍‌ଆଇଏନ୍‌ଏଲ୍ ଆଉ ତିଷ୍ଠି ପାରିନାହିଁ। ଏହି କାରଖାନାକୁ ଘରୋଇକରଣ କରିବାକୁ ସରକାର ପଦକ୍ଷେପ ନେଉଥିଲେ ହେଁ ତାହା କେବଳ ପ୍ରସ୍ତୁତିରେ ଅଟକିଛି। ତେବେ ଇତିମଧ୍ୟରେ ସରକାର କା ମାଲ୍ ଦରିଆ ମେଁ ଡାଲ୍ ନୀତିରେ କାରଖାନା ଭିତରେ ରହିଥିବା ମୂଲ୍ୟବାନ ସାମଗ୍ରୀ ଚୋରି ହେବାର ସମ୍ଭାବନା ସୃଷ୍ଟି କରିଛି। ମଙ୍ଗଳବାର ଏଭଳି ଏକ ଘଟଣା ସାମ୍ନାକୁ ଆସିଛି।

୨୦୧୯ରେ ଗୁରୁଦେବ ଇସ୍ପାତ୍ ଇମ୍ପେକ୍ସ ପ୍ରାଇଭେଟ ଲିଃର ମାଲିକ ପିଗ୍ ଆଇରନ ଲୋଡିଂ କରିବାକୁ ଟାଟା କମ୍ପାନୀ ନାମରେ ଥିବା ୩ଟି ଟ୍ରେଲର କାରଖାନା ଭିତରକୁ ନେଇଥିଲେ। ଦୀର୍ଘଦିନ ହେଲା


ନୀଳଚଳ କମ୍ପାନୀ ପରିସରରେ ରହିଥିବା ୩ ଟ୍ରେଲର ।

**ବାହାର କରିବାକୁ ଚାଲିଛି ମସୁଧା**

ସେହି ଗାଡ଼ି ବାହାରି ନ ଥିବାରୁ କର୍ମଚାରୀଙ୍କ ମଧ୍ୟରେ ସନ୍ଦେହ ଉପୁଜିଥିଲା। ଗାଡ଼ି ନମ୍ବରକୁ ନେଇ ବାହାନ ଆପ୍‌ରେ ତଦନ୍ତ କରିବା ପରେ ସେଥିରେ ୨ଟି ଟ୍ରେଲର ଅଶୋକ ଲିଲାଣ୍ଡ କମ୍ପାନୀ ନାମରେ ରହିଥିବା ଜଣାପଡ଼ିଥିଲା। ଅର୍ଥାତ୍ ୨ଟି ଲିଲାଇଣ୍ଡ ଗାଡ଼ିର ଚେଚିସ ନମ୍ବର ଚୋରା ଟାଟା ଗାଡ଼ିରେ ପିଟାଯାଇ ଥିବା ଏଥିରୁ ସ୍ପଷ୍ଟ ହେଉଛି। ବାହାନ ଆପ୍‌ରେ ମିଳିଥିବା ତଥ୍ୟ ଅନୁସାରେ ପିବି୨୩ଜି୯୬୩୪ ଓ ପିବି୨୩ଜି୯୭୩୪ ନମ୍ବର ଟ୍ରଲର ପଞ୍ଜାବ ପଟିଆଲା ଆରଟିଓରେ ରେଜିଷ୍ଟ୍ରେଶନ ହୋଇଥିଲା। ବାହାନ ଆପ୍ ଅନୁସାରେ ଏହାର ମଡ଼େଲ ଅଶୋକ ଲିଲାଣ୍ଡ ଲିଃର ରହିଛି। ତେବେ ପିବି୨୩ଇ୪୮୩୪ ନମ୍ବର ଟ୍ରଲର ବାହାନ ଆପ୍‌ରେ ଟାଟା ମୋଟର୍ସ ଲିଃ ମଡ଼େଲ ଦର୍ଶାଉଛି। କିନ୍ତୁ ଏହି ୩ଟି ଗାଡ଼ି ବାହାରେ ଟାଟା ମୋଟର୍ସର ନାମ ରହିଛି। ତେଣୁ ନକଲି ଗାଡ଼ି ନମ୍ବରରେ ନୀଳାଚଳରେ ପୂର୍ବରୁ ପରିବହନ କାରବାର ହେଉଥିବା ଏଠାରେ ସ୍ପଷ୍ଟ ହେଉଛି। ତେଣୁ ବର୍ତ୍ତମାନ ନୀଳାଚଳ କାରଖାନାର ଯେଉଁ ଅଧିକାରୀ ଏହିସବୁ ଟ୍ରଲରକୁ ବାହାର କରିବାରେ ସହଯୋଗ କରିବେ ସେମାନେ ନିଶ୍ଚିତ ଭାବେ ଏହି ଦୁର୍ନୀତିରେ ସାମିଲ ରହିବେ ବୋଲି କାରଖାନାର କେତେଜଣ କର୍ମଚାରୀ ପ୍ରକାଶ କରିଛନ୍ତି।

## ଅଭିଯୁକ୍ତଙ୍କୁ ପୋଲିସ ସହାୟତା

**ପାଣିକୋଇଲି,୫।୧୦(ଡି.ଏନ.ଏ.)**

ପୂର୍ବ ଶତ୍ରୁତାକୁ ନେଇ ଲାଗିଛି କଳହ। ଭୟରେ ଘରକୁ ଫେରି ପାରୁନାହାନ୍ତି ଗୋଟିଏ ପରିବାର। ପୋଲିସ ସୁରକ୍ଷା ଦେବା ପରିବର୍ତ୍ତେ ପରୋକ୍ଷରେ ଅଭିଯୁକ୍ତଙ୍କୁ ସହାୟତା ଯୋଗାଉଛି। ଯଦ୍ୱାରା ଘର ଛାଡି ବୁଲି ବୁଲି ନ୍ୟାୟ ପାଇଁ ଏସପିଙ୍କୁ ଭେଟିଛନ୍ତି। ପୀଡ଼ିତାଙ୍କ ଅଭିଯୋଗ ଶୁଣି ପୋଲିସ ସହାୟତାରେ ସେମାନଙ୍କୁ ଘରେ ଛଡ଼ାଯିବ ବୋଲି ଯାଜପୁର ଏସ୍‌ପି ରାହୁଲ ପି.ଆର୍. ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି। ବିଞ୍ଝାରପୁର ଥାନା ଅନ୍ତର୍ଗତ ଜରିମଠ ଗ୍ରାମର ଦଶରଥ ମଲିକଙ୍କ ସ୍ତ୍ରୀ ସୁମତିଙ୍କ ଅଭିଯୋଗ ମୁତାବକ ଗ୍ରାମରେ ପଡ଼ୋଶୀ ପରିବାର ସହ ପୂର୍ବରୁ ଶତ୍ରୁତା ରହିଆସିଛି। ଫଳରେ ଭୟରେ ସେମାନେ ଗାଁ ଛାଡ଼ି ବାହାରେ ରହୁଛନ୍ତି। ଏହାର ସମାଧାନ ପାଇଁ ଗତ ୩ ତାରିଖ ଭଦ୍ରବ୍ୟକ୍ତି ସୁଦର୍ଶନ ବେହେରାଙ୍କ ମଧ୍ୟସ୍ଥତାରେ ଯଜ୍ଞ ପଡ଼ିଆରେ ବୈଠକ ଡକାଯାଇଥିଲା। ବୈଠକ ଆରମ୍ଭରୁ ପଡ଼ୋଶୀ ପରିବାରର ଜଣେ ବ୍ୟକ୍ତି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଫଳରେ ଭଦ୍ର ବ୍ୟକ୍ତିମାନେ ସେଠାରୁ ପଳାଇଥିଲେ। ସୁମତିଙ୍କ ପରିବାରବର୍ଗ ମଧ ଭୟଭୀତ ହୋଇ ଘରକୁ ନ ଯାଇ ପୁଣି ବାହାରେ ଆଶ୍ରୟ ନେଇଛନ୍ତି। ଏନେଇ ପୋଲିସ ନିକଟରେ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଫଳରେ ନିରୁପାୟ ହୋଇ ସୁମତୀ ନ୍ୟାୟ ପାଇଁ ଏସ୍‌ପିଙ୍କୁ ନିବେଦନ କରିଛନ୍ତି।

## ଗଣ ଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି ଦାବି


ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଗଣଶିକ୍ଷକ।

**ଯାଜପୁର ଟାଉନ,୫।୧୦(ଡି.ଏନ.ଏ.)**

ଜିଲା ପ୍ରାଥମିକ ଶିକ୍ଷକ ସଂଘ (ଗଣଶିକ୍ଷକ/ଏକ୍ସ-କ୍ୟାଡର) ପକ୍ଷରୁ ମଙ୍ଗଳବାର ଜିଲାପାଳଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ୨୫ ବର୍ଷରୁ ଊର୍ଦ୍ଧ୍ୱ ଶିକ୍ଷା ବିଭାଗରେ କାର୍ଯ୍ୟ କରିବା ସହିତ ସରକାରଙ୍କ ବିଭିନ୍ନ କାର୍ଯ୍ୟକୁ ସୁଚାରୁ ରୂପେ ଚଳାଇ ଆସୁଥିବା ଗଣଶିକ୍ଷକଙ୍କୁ ସ୍ଥାୟୀ ନିଯୁକ୍ତି କରାଯାଇ ପାରିନାହିଁ। ଓଡ଼ିଶା ପରିଷଦ (ବେସରକାରୀ ସଂଗଠନ) ପକ୍ଷରୁ ଉଚ୍ଚ ନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା। ଏହି ଜନସ୍ୱାର୍ଥ ମାମଲା ପ୍ରତ୍ୟାହାର ପରେ ରାଜ୍ୟ ସରକାରଙ୍କ ଚିଠି ସଂଖ୍ୟା ୨୫୨୯୦/୨୭.୧୨.୨୦୧୬ ନିର୍ଦ୍ଦେଶ ଅନୁଯାୟୀ ବିନା ଓଟିଇଟିରେ ଗଣଶିକ୍ଷକ ନିୟମିତ ହୋଇପାରିବେ ବୋଲି ନିର୍ଦ୍ଦେଶ ରହିଥିଲା। ମାତ୍ର ଆଜିପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇପାରିନାହିଁ। ଫଳରେ ଶିକ୍ଷୟିତ୍ରୀଶିକ୍ଷକ ସ୍ୱଳ୍ପ ଦରମାରେ ଜୀବନ ଜୀବିକା ଚଳାଇବା ଅସମ୍ଭବ ହୋଇପଡିଛି। ରାଜ୍ୟ ସରକାର ଏଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରାଯାଇଛି।

# ନଦୀ ବନ୍ଧ ସୁରକ୍ଷା ଆଳରେ ସରକାରୀ ଅର୍ଥ ଚଳୁ ଉଦ୍ୟମ

**ବରୀ,୫। ୧୦(ଡି.ଏନ.ଏ.)**

୨୦୨୦ ଅଗଷ୍ଟରେ ବନ୍ୟା ଆସିବାରୁ ବ୍ରାହ୍ମଣୀ ଓ ଖରସ୍ରୋତା ନଦୀ ବନ୍ଧରେ ୧୦ରୁ ଊର୍ଦ୍ଧ୍ୱ ଘାଇ ହୋଇ ବରୀର ୨୯ ପଞ୍ଚାୟତ ପ୍ରଭାବିତ ହୋଇଥିଲା। ପରେ ବରୀ ଜଳସମ୍ପଦ ବିଭାଗ ତାଲିକା ମୁତାବକ ଘାଇ ମରାମତିପାଇଁ ଅର୍ଥ ମଞ୍ଜୁର କରାଯାଇଥିଲା। ମାତ୍ର ଚଳିତ ବନ୍ୟାରେ ବ୍ରାହ୍ମଣୀ ନଦୀ ଦକ୍ଷିଣପାର୍ଶ୍ୱରେ ଥିବା ସାହୁପଡା ପଞ୍ଚାୟତର ମାଟିଆପଡ଼ାଠାରେ ଘାଇ ହୋଇ ଧାରପୁର, ଇଶାଣପୁର, ବାଲିଆ, ସ୍ୱାଇଁଖଣ୍ଡ ଓ ସାହୁପଡା ପଞ୍ଚାୟତର ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ହେଲେ ବରୀ ଜଳସମ୍ପଦ ବିଭାଗ ନଦୀ ବନ୍ଧ ସୁରକ୍ଷା ନାମରେ ବନ୍ୟାର ପ୍ରଭାବ ପଡି ନ ଥିବା ବନ୍ଧରେ ବାଲିବସ୍ତା ଓ ଜରି ଅଖା ଯୋଗାଇ ଦେବା ଘଟଣା ସାଧାରଣରେ ଆଲୋଚ୍ୟ ବିଷୟ ହୋଇଛି। ଏହାଦ୍ୱାରା ବିଭାଗ ପକ୍ଷରୁ ମିଳିଥିବା ଅର୍ଥକୁ ବାଟମାରଣା ପାଇଁ ଯୋଜନା ହୋଇଥିବା ଚର୍ଚ୍ଚା ଜୋର ଧରିଛି। ଏ ବିଷୟରେ ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ତରୁଣ କୁମାର ଦାସ କୁହନ୍ତି, ବନ୍ୟାରେ ନଦୀ ବନ୍ଧର ସୁରକ୍ଷା ପାଇଁ ଆବଶ୍ୟକ ବାଲିବସ୍ତା ଦିଆଯାଇଛି। ଯଦି ମନମୁଖୀ ଭାବେ କେହି ନଦୀ ବନ୍ଧର ସୁରକ୍ଷା ଆଳରେ ଏଭଳି କରିଥାନ୍ତି ତାହା ମାପ ପରିମାପ ଅନ୍ତର୍ଭୁକ୍ତ ହେବ ନାହିଁ।

# ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ଗଠିତ

**ରସୁଲପୁର,୫।୧୦(ଡି.ଏନ.ଏ.)**

ଦୁର୍ଗାପୂଜା ପାଇଁ ବ୍ରହ୍ମବରଦା ଫାଣ୍ଡିରେ ମଙ୍ଗଳବାର ସ୍ଥାନୀୟ ମୁରବୀଙ୍କୁ ନେଇ ଶାନ୍ତି କମିଟି ଗଠନ କରାଯାଇଛି। ପୂଜା ବେଳେ କିପରି କରୋନା କଟକଣା ଅନୁପାଳନ କରାଯିବ ସେ ଦାୟିତ୍ୱ କମିଟି ଉପରେ ନ୍ୟସ୍ତ କରାଯାଇଛି। ପୂଜା ଓ ଭସାଣିରେ ପାରମ୍ପରିକ ରୀତିନୀତିକୁ ଗୁରୁତ୍ୱ ଦିଆଯାଇଛି। ମଣ୍ଡପରେ ଭକ୍ତଙ୍କ ଭିଡ଼କୁ ବାରଣ କରାଯାଇଛି। ଭସାଣିରେ ଶୋଭାଯାତ୍ରା, ବାଜାବାଣ, ଜନସମାଗମକୁ ନିଷେଧ କରାଯାଇଛି। ଠାକୁର ବିସର୍ଜନ କୃତ୍ରିମ ପୋଖରୀରେ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଜରୁରୀ ସ୍ଥଳେ ବିସର୍ଜନ କାର୍ଯ୍ୟ ଅବ୍ୟବହୃତ ଜଳାଶୟକୁ ବ୍ୟବହାର ପାଇଁ କମିଟି ପକ୍ଷରୁ ପ୍ରଶାସନକୁ ନିବେଦନ କରାଯାଇଛି। ବ୍ୟବହୃତ ଜଳାଶୟକୁ ଭସାଣିରୁ ବାଦଦେବାକୁ କୁହାଯାଇଛି। ଏସବୁ ଦିଗପ୍ରତି ପୂଜା କମିଟି କର୍ମକର୍ତ୍ତା ଧ୍ୟାନ ଦେବାକୁ ପରାମର୍ଶ ଦିଆଯାଇଛି। ପ୍ରତ୍ୟେକ ପୂଜାମଣ୍ଡପରେ କିଭଳି ଶୃଙ୍ଖଳାର ସହ ପୂଜା କରାଯିବ ସେ ଦିଗରେ ଶାନ୍ତିକମିଟି ଧ୍ୟାନ ଦେବ। ପୂଜାମଣ୍ଡପରେ ଯଦି ବିବାଦ ଉପୁଜେ ଶାନ୍ତି କମିଟି ଜରିଆରେ ସମାଧାନ କରାଯିବ। ବ୍ରହ୍ମବରଦା ଏକ ମୁସଲିମ୍ ବହୁଳ ଅଞ୍ଚଳ। ଏଠି ହିନ୍ଦୁ ଓ ମୁସଲିମଙ୍କ ମଧ୍ୟରେ ଭାଇଚାରା ରହିଛି। ସେହି ପରମ୍ପରାକୁ ବଜାଇ ରଖିବା ଦିଗରେ ଉଭୟ ସମ୍ପ୍ରଦାୟ ମୁରବୀ ଓ ଜନପ୍ରତିନିଧିଙ୍କୁ ନେଇ କମିଟି ଗଠନ କରାଯାଇଛି। ଆଇନଶୃଙ୍ଖଳା ସ୍ଥିତି ବଜାଇ ରଖିବା ଦିଗରେ ପୋଲିସ ପକ୍ଷରୁ ଜନସାଧାରଣଙ୍କ ସହଯୋଗ କାମନା କରାଯାଇଛି। ବୈଠକରେ ଧର୍ମଶାଳା ଥାନା ଅଧିକାରୀ ରାକେଶ କୁମାର ସେଠୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ଫାଣ୍ଡି ଅଧିକାରୀ ଏସ. ଦାଶରଥୀ ପାତ୍ରେ ପାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ବ୍ରହ୍ମବରଦା ସର୍ବଜନୀନ ପୂଜା କମିଟି ଉପସଭାପତି ପ୍ରଦୀପ ଦାସ, ସହସମ୍ପାଦକ ସୁକାନ୍ତ ବେହେରା, କୋଷାଧ୍ୟକ୍ଷ ଅମୂଲ୍ୟ ରାଉତ, ମହେଶ୍ୱରପୁର ସରପଞ୍ଚ ଅମୂଲ୍ୟ ପାତ୍ର, ବ୍ରହ୍ମବରଦା ସମିତିସଭ୍ୟ ଅଟଳ ଦାସ, ବନ୍ଧଡ଼ିହ ସରପଞ୍ଚଙ୍କ ପ୍ରତିନିଧି ବିଜୟ ଜେନା, ଅକ୍ତର ଅଲ୍ଲୀ, ସମିତିସଭ୍ୟ ଅବଦୁଲ ଦୟାଲ ଖାଁ, ଜୁଲଫିକର ଅଲ୍ଲୀ ଖାନ୍ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


ଶାନ୍ତି କମିଟି ବୈଠକରେ ଯୋଗ ଦେଇଥିବା ପୋଲିସ ଅଧିକରୀ ଓ ସ୍ଥାନୀୟ ମୁରବୀମାନେ।

# ଫସଲରେ ରୋଗ ପୋକ ନିୟନ୍ତ୍ରଣ ତାଲିମ

**ରସୁଲପୁର,୫।୧୦(ଡି.ଏନ.ଏ.)**

ଗାଁର ଚାଷୀଙ୍କୁ ଆଧୁନିକ ଜ୍ଞାନକୌଶଳ ସମ୍ପର୍କରେ ଅଧିକ ପ୍ରଶିକ୍ଷିତ କରିବାକୁ ହେବ। ଅଳ୍ପ ଖର୍ଚ୍ଚରେ ଅଧିକ ଅମଳ କରି ଚାଷୀ କିପରି ସ୍ୱାବଲମ୍ବୀ ହୋଇପାରିବ ସେ ଦିଗରେ ବଡ଼ଚଣାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ଚେଷ୍ଟା ଜାରି ରଖିଛି। ମଙ୍ଗଳବାର କୃଷି ବୈଜ୍ଞାନିକମାନେ ରସୁଲପୁର ବ୍ଲକ୍ ବାହାବଳପୁର ଗ୍ରାମର ହରିହାଟ ପଡ଼ିଆରେ ପହଞ୍ଚି ଅଞ୍ଚଳର ୫୦ଜଣ ଚାଷୀଙ୍କୁ ତାଲିମ ପ୍ରଦାନ କରିଛନ୍ତି। ଯୁବ ଚାଷୀ ଶିଶିର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟଅତିଥି ଭାବେ କୃଷି ବିଜ୍ଞାନ କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଡ. ସୁନୀଲ କୁମାର ମହାପାତ୍ର ଯୋଗଦେଇ ଚାଷୀଙ୍କ ପରିବାଚାଷ ପ୍ରକାର ଓ ସେମାନଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅଧିକାରୀ ଭାବେ କୃଷି ସମ୍ପ୍ରସାରଣ ଅଧିକାରୀ ବୈଜ୍ଞାନିକ ସୁବ୍ରତ କୁମାର



ତାଲିମ ଶିବିରରେ ଯୋଗଦେଇଥିବା ଅତିଥି।

ପାଣିଗ୍ରାହୀ, କୃଷି ଇଞ୍ଜିନିୟର ବୈଜ୍ଞାନିକ ଡ. ବିଜୟଲକ୍ଷ୍ମୀ ମହନ୍ତ ଓ ଉଦ୍ୟାନ କୃଷି ବିଶେଷଜ୍ଞ ବୈଜ୍ଞାନିକ ଡ. ବିବିତା ମିଶ୍ର ପ୍ରମୁଖ ଯୋଗଦେଇ ପରିବା ଚାଷରୁ ରୋଗ ପୋକ ନିୟନ୍ତ୍ରଣ କରିବାକୁ ହେଲେ ଚାଷୀ ଜୈବିକ ପ୍ରଣାଳୀର ଚାଷକୁ ଆପଣେଇବାକୁ ହେବ। ଏଭଳି କଲେ ଚାଷୀ କମ୍ ଖର୍ଚ୍ଚରେ ଅଧିକ ଲାଭବାନ ହୋଇପାରିବେ। ବିଲାତି, ବାଇଗଣ, କୋବି ଆଦି ଜାତିର ଫସଲରୁ ଝାଉଁଳା ରୋଗ ଚାଷୀଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ସାଜିଛି। ଏହାକୁ ନିୟନ୍ତ୍ରଣ ପାଇଁ ଚାଷ ବେଳେ ନିମ ପିଡୁଆ ବ୍ୟବହାର କରିବା, ପରିବା କ୍ଷେତରେ ଗେଣ୍ଡୁଫୁଲ ଚାର ଓ ଧନିଆ ଚାଷ କରିବା ଭଳି କେତେକ ଉପାୟ ଆପଣେଇବାକୁ ପରାମର୍ଶ ଦେଇଥିଲେ। କୀଟନାଶକ ବ୍ୟବହାର ବଦଳରେ ଜୈବିକ ଦ୍ରବଣ ପ୍ରସ୍ତୁତ କରି ଗଛରେ ସିଞ୍ଚନ କରିବା, ଠିକ୍ ସମୟରେ ସାର ଏବଂ ଔଷଧ ବ୍ୟବହାର କଲେ ଅଧିକ ଅମଳ ହେବା ସହ ରୋଗପୋକ ଦାଉରୁ ରକ୍ଷା ମିଳିପାରିବ ବୋଲି ପରାମର୍ଶ ଦେଇଥିଲେ। କୃଷି ଇଞ୍ଜିନିୟର ଧାଡ଼ିରେ ଧାନରୁଆ, ରବି ଜାତୀୟ ଫସଲ ଚାଷ ଉପରେ ଗୁରୁତ୍ୱରୋପ କରିଥିଲେ। ଆଧୁନିକ କୃଷି ଯନ୍ତ୍ରାଂଶ ବ୍ୟବହାରକରି ଧାଡ଼ିରୁଆ ଚାଷ କଲେ କମ୍ ଖର୍ଚ୍ଚରେ ଅଧିକ ଅମଳ ହୋଇପାରିବ ବୋଲି ମତ ରଖଥିଲେ। ତେବେ ଏସବୁ ଦିଗରେ ଚାଷୀ କି ସମସ୍ୟାର ସମ୍ମୁଖିନ ହେଉଛନ୍ତି ଉପସ୍ଥିତ ଚାଷୀ ଅଭୟ ରାଉତ, କେଶବ ବେହେରା, ସୋମନାଥ ରାଉତ, ନିଳମଣି ନାୟକ, ସନ୍ତୋଷ ରାଉତ, ବିଷ୍ଣୁ ବେହେରା, ନିରଞ୍ଜନ ରାଉତ, ଗୟାନିଧି ମହାନ୍ତି ପ୍ରମୁଖ ଅଧିକାରୀଙ୍କୁ ପ୍ରଶ୍ନ ପଚାରିଥିଲେ। ଅଧିକାରୀମାନେ ଚାଷୀଙ୍କ ସମସ୍ୟା ସମାଧାନ ସମ୍ପର୍କରେ ସୂଚନା ଦେଇଥିଲେ। ଚାଷୀ ସୁରେନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବୈଜ୍ଞାନିକ ଓ ଚାଷୀମାନେ କେତେକ କୃଷି କ୍ଷେତ ବୁଲି ଦେଖିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ବୁଧବାର, ୬ ଅକ୍ଟୋବର, ୨୦୨୧

## ଉପାଧ୍ୟକ୍ଷ ନେଲେ ଅଧ୍ୟକ୍ଷ ଦାୟିତ୍ୱ

ଜି.ଉଦୟଗିରି,(ଡି.ଏନ.ଏ.): ଜି.ଉଦୟଗିରି ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ହୃଦାନନ୍ଦ କହଁର ମଙ୍ଗଳବାର ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ବାଲିଗୁଡା ଉପଜିଲାପାଳ ଶୁଭଙ୍କର ମହାପାତ୍ରଙ୍କ ଆଦେଶ ଅନୁଯାୟୀ ଉପାଧ୍ୟକ୍ଷ ହୃଦାନନ୍ଦ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବତନ ଅଧ୍ୟକ୍ଷା ଦୀପ୍ତିରେଖା ପ୍ରଧାନ ଅନାସ୍ଥା ଭୋଟରେ ହାରିଯିବା ପରେ ଉପଜିଲାପାଳ ତାଙ୍କୁ ଗତ ୧ ତାରିଖରେ ଗାଦିଚ୍ୟୁତ କରିଥିଲେ। ପଞ୍ଚାୟତ ସମିତି ସଭାଗୃହରେ କହଁରଙ୍କ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ ସମାରୋହରେ ଏମ୍‌ପି ପ୍ରତିନିଧି ସାମନ୍ତ ଡିଗାଲ, ବିଜେଡି ବ୍ଲକ ସଭାପତି ଲିଙ୍ଗରାଜ କହଁରଙ୍କ ସମେତ ସରପଞ୍ଚ ଓ ସମିତି ସଭ୍ୟା, ସଭ୍ୟ ଓ ବିଜେଡି ନେତା ଅଶ୍ୱିନ ନାୟକ, ସୀମାଞ୍ଚଳ ନାୟକ, ଅଚ୍ୟୁତାନନ୍ଦ ପ୍ରଧାନ, କିଶୋର ନାୟକ ସୁରେନ୍ଦ୍ର ପ୍ରଧାନ, ଅବନେଶ୍ୱର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜଗନ୍ନାଥପ୍ରସାଦ ମେଡିକାଲରେ ବିରଳ ଶିଶୁ ପୁତ୍ର ଜନ୍ମ

ଜଗନ୍ନାଥପ୍ରସାଦ,୫।୧୦(ଡି.ଏନ.ଏ.): ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ଜଣେ ମହିଳା ଏକ ବିରଳ ଶିଶୁ ପୁତ୍ରକୁ ଜନ୍ମ ଦେଇଛନ୍ତି। ଶିଶୁଟିର ଆଖି ଦୁଇଟି ବାହାରକୁ ବାହାରି ପଡ଼ିଥିବା ବେଳେ ଦେହରେ ଧଳା ଚାଦର ଭଳି ଆବରଣ ଢାଙ୍କି ହୋଇ ରହିଛି। ପିଲାଟି କାନ୍ଦିବା ବେଳେ ତାର ଶରୀରଟି ଫାଟିଯାଇ ପ୍ରବଳ ରକ୍ତସ୍ରାବ ହେଉଛି। ଆଖିଭିତରୁ ମଧ୍ୟ ରକ୍ତଧାର ଛୁଟୁଛି। ତାର ଗୋଡ ହାତଗୁଡିକ ମୋଟାଥିବା ବେଳେ ପାଦ ଦୁଇଟି ବଙ୍କା ହୋଇଯାଇଛି। ପିଲାଟିର ଓଜନ ପ୍ରାୟ ତିନି କେଜି ଅଛି। ଏଭଳି ଶିଶୁକୁ ଦେଖିବା ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଲୋକଙ୍କ ଭିଡ଼ ଜମିଥିଲା। ଏ ନେଇ ଡାକ୍ତର ଶ୍ରୀତମ ସୌରଭ ସାହୁ କହିଛନ୍ତି, ଚିକିଟି ବ୍ଲକ ପାତ୍ରପୁର ଗ୍ରାମର ମହିଳା ଜଣକ ମଙ୍ଗଳବାର ସକାଳ ସାଢ଼େ ୭ଟାରେ ଏହି ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ବାପା କିମ୍ବା ମା'ଙ୍କ ଜିନଗତ ସମସ୍ୟା ଥିଲେ କିମ୍ବା ବଂଶଗତ ଭାବେ ବେଳେବେଳେ ଏଭଳି ଶିଶୁ ଜନ୍ମ ଗ୍ରହଣ କରୁଥିବା ଡାକ୍ତର ପ୍ରକାଶ କରିଛନ୍ତି। ଏଭଳି ଶିଶୁ ଜନ୍ମ ପରେ ମା'ଖିର ଖାଇବା ସହ ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ମଧ ଠିକ ଭାବେ ଚଳପ୍ରଚଳ ହେଉଥିଲେ ବି ଏମାନେ ବଞ୍ଚିବା ମୁସ୍କିଲ ବୋଲି ମତ ଦେଇଛନ୍ତି। ତେବେ ଡାକ୍ତରଙ୍କ ପରାମର୍ଶ ନ ମାନି ପରିବାର ଲୋକ ଶିଶୁକୁ ବ୍ରହ୍ମପୁର ମେଡିକାଲ ନେବା ବଦଳରେ ଅଣ୍ଡରଟେକିଂ ଲେଖି ନିଜ ଘରକୁ ନେଇଯାଇଥିବା ଜଣାପଡିଛି।

### ଦମ୍ପତିଙ୍କୁ ପୋଷ୍ୟ ସନ୍ତାନ ହସ୍ତାନ୍ତର

ପାରଳାଖେମୁଣ୍ଡି,୫।୧୦(ଡି.ଏନ୍.ଏ.): ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ମଙ୍ଗଳବାର ଗଜପତି ଜିଲାର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ରର ୨୩ ତମ ଶିଶୁକୁ ପୋଷ୍ୟ ସନ୍ତାନ ଭାବେ ପଶ୍ଚିମବଙ୍ଗର ଦମ୍ପତିଙ୍କୁ ହସ୍ତାନ୍ତର କରିଛନ୍ତି। ଲକ୍‌ଡାଉନ ଏବଂ ଶଟ୍‌ଡାଉନ ସମୟରେ ଜିଲାର ବିଭିନ୍ନ ଜାଗାରୁ ପରିତ୍ୟକ୍ତ ଅବସ୍ଥାରେ ଶିଶୁକୁ ଉଦ୍ଧାର କରାଯାଇଥିଲା। ପରେ ସେମାନଙ୍କର ଯତ୍ନ ଓ ସୁରକ୍ଷା ପାଇଁ ଜିଲାରେ ଥିବା ଏକମାତ୍ର ପୋଷ୍ୟ ସନ୍ତାନ ଗ୍ରହଣ କେନ୍ଦ୍ର ନିସାନ ସାଲୋମ, ପାରଳାଖେମୁଣ୍ଡିରେ ରଖାଯିବା ସହ ସେମାନଙ୍କର ଗ୍ରହଣ ପାଇଁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ରର ପୋର୍ଟାଲରେ ଅପଲୋଡ଼ କରାଯାଇଥିଲା। ତିନି ବର୍ଷ ଧରି ସନ୍ତାନ ପାଇଁ ଅନଲାଇନ ମାଧମରେ ଦରଖାସ୍ତ ଦେଇ ଅପେକ୍ଷା କରି ରହିଥିବା ଦମ୍ପତିଙ୍କୁ କେନ୍ଦ୍ରୀୟ ପୋଷ୍ୟ ସମ୍ବଳ କେନ୍ଦ୍ର ଅନୁମୋଦନ କରିଥିଲେ। ଦମ୍ପତି ଜଣକ ଶିଶୁକୁ ପସନ୍ଦ କରି ନେବା ପାଇଁ ସ୍ଥିର କରିଲା ପରେ ପ୍ରଦାନ କରିଥିବା ଆବଶ୍ୟକ ଦସ୍ତାବିଜକୁ ଜିଲାପାଳ ଯାଞ୍ଚ କରିବା ପରେ ସେମାନଙ୍କୁ ଶିଶୁ କନ୍ୟା ହସ୍ତାନ୍ତର କରାଯାଇଥିଲା। ହସ୍ତାନ୍ତର ସମୟରେ ମନ୍ତ୍ରୀ ସାହୁଙ୍କ ସମେତ ଲୋପାମୁଦ୍ରା ବକ୍ସିପାତ୍ର, ଉପଦେଷ୍ଟା, ମିଶନ ଶକ୍ତି, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅରୁଣ କୁମାର ତ୍ରିପାଠୀ, ଶିଶୁ ମଙ୍ଗଳ ସମିତିର ସଭ୍ୟା ଅଳକା ସାହୁ, ଗୁରାଣ୍ଡି ଡାକ୍ତର ମିଲନ କୁମାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କଟକଣାରେ ହେବ ଦୁର୍ଗାପୂଜା, ବାଣଫୁଟା ବନ୍ଦ

ଛତ୍ରପୁର,୫।୧୦(ଡି.ଏନ୍.ଏ.)


ବୈଠକରେ ଉପସ୍ଥିତ ଜିଲ୍ଲାପାଳ ଓ ଅନ୍ୟମାନେ ।

ଗଞ୍ଜାମ ଜିଲାରେ ଚଳିତବର୍ଷ ଦଶହରା ପୂଜାରେ କୋଭିଡ୍ ନିୟମ ଅନୁପାଳନ କରିବାକୁ ଜନସାଧାରଣଙ୍କୁ କୁହାଯାଇଛି। ପାର୍ବଣରେ ଗହଳିପୂର୍ଣ୍ଣ ସ୍ଥାନକୁ ନ ଯିବା, ମାସ୍କ ବ୍ୟବହାର ସୁନିଶ୍ଚିତ କରିବା ଓ ପୂଜା ମଣ୍ଡପରେ ଗହଳି ନ କରି ପୂଜା କମିଟି ପୂଜା କରିବାକୁ କୁହାଯାଇଛି। ମୂର୍ତ୍ତିଗୁଡିକର ଉଚ୍ଚତା ୪ ଫୁଟ ମଧ୍ୟରେ ସୀମିତ ରହିବ। ଦୋକାନ ବଜାରରେ ଗହଳି ଯେପରି ହେବ ନାହିଁ ସେ ଦିଗରେ ଦୋକାନୀ ସତର୍କ ରହିବେ। ଗ୍ରାହକ ଏବଂ ବ୍ୟାବସାୟିକ ପ୍ରତିଷ୍ଠାନର ବ୍ୟକ୍ତି ବିଶେଷ ମାସ୍କ ବ୍ୟବହାର ସୁନିଶ୍ଚିତ କରିବେ। ଚଳିତ ପାର୍ବଣରେ ବାଣଫୁଟା ଉପରେ ସରକାର ଜାରି କରିଥିବା କଟକଣାକୁ କଡାକଡି କରାଯିବ । ଉପଜିଲାପାଳ ଏବଂ ତହସିଲଦାରମାନେ ଚଢାଉ ଜାରି ରଖିବେ। ସମସ୍ତ ପୂଜା ମଣ୍ଡପ ଉପଜିଲାପାଳଙ୍କ ଠାରୁ ଅନୁମତି ଗ୍ରହଣ କରି ପୂଜା କରିବେ। ଚଳିତବର୍ଷ ଦାଣ୍ଡିଆ କିମ୍ବା ଗରବା ନୃତ୍ୟକୁ ବାରଣ କରାଯାଇଛି। ଅକ୍ଟୋବର ଶେଷ ସୁଦ୍ଧା ଜିଲାରେ ୮୩ଟି ଉଚ୍ଚ ବିଦ୍ୟାଳୟରେ ୫-ଟି ଆଧାରରେ ରୂପାନ୍ତରୀତ କାର୍ଯ୍ୟ ସାରିବାକୁ କୁହାଯାଇଛି।

**ନଭେମ୍ବର ପ୍ରଥମ ସପ୍ତାହରେ ୮୩ ସ୍ମାର୍ଟ ହାଇସ୍କୁଲ ଲୋକାର୍ପଣ**

ପୂଜା ଛୁଟିରେ ବିଦ୍ୟାଳୟଗୁଡିକର ଉନ୍ନୟନ କାର୍ଯ୍ୟ ଚାଲୁ ରହିବ । ନଭେମ୍ବର ପ୍ରଥମ ସପ୍ତାହରେ ଉକ୍ତ ବିଦ୍ୟାଳୟ ଗୁଡିକର ଲୋକାର୍ପଣ ହେବ। ଡିଜିଟାଲ ପାୱାର ପ୍ରେଜେଣ୍ଟେସନ ଦ୍ୱାରା ସ୍ମାର୍ଟ କ୍ଲାସର ଠିକ ଶିକ୍ଷା ପ୍ରଦାନ କରାଯିବ। ତେଣୁ ଜିଲାରେ କାର୍ଯ୍ୟ କରୁଥିବା କମ୍ପ୍ୟୁଟରରେ ଅଭିଜ୍ଞ ଶିକ୍ଷକମାନଙ୍କୁ ଚିହ୍ନଟ କରିବାକୁ ସମସ୍ତ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ଜିଲାପାଳ ଅବଗତ କରାଇଥିଲେ। ଜିଲାରେ କାର୍ଯ୍ୟକାରୀ କରାଯାଇଥିବା ପ୍ଲାଷ୍ଟିକର ବ୍ୟବହାର ଶୂନ କାର୍ଯ୍ୟକ୍ରମକୁ ସବୁ ମହଲରେ ପ୍ରଶଂସା କରାଯାଇଛି । ତେଣୁ ଏହି କାର୍ଯ୍ୟରେ ନିୟୋଜିତ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଧନ୍ୟବାଦ ଦେଇଥିଲେ। ଜିଲାରେ ରହିଥିବା ଜଳଉତ୍ସ ଗୁଡିକର ତଥ୍ୟ ସଂଗ୍ରହ କରାଯିବ। ଲୋକମାନଙ୍କର ବ୍ୟବହାର ଦିଗରେ କେତେ ପୋଖରୀ ରହିଛି, ସେଗୁଡିକ କେତେ ଅଞ୍ଚଳରେ ବ୍ୟାପ୍ତ, ପୂର୍ବରୁ ପୋଖରୀର ଉନ୍ନତି ଦିଗରେ କେଉଁ ସବୁ କାର୍ଯ୍ୟ ହୋଇଛି ଏବଂ କେଉଁ ସବୁ କାର୍ଯ୍ୟ କରିବାର ଆବଶ୍ୟକତା ରହିବ ସେହି ତଥ୍ୟକୁ ଆଧାର କରି ଆଗାମୀ କାର୍ଯ୍ୟପନ୍ଥା କଣ କରାଯିବ ତାହା ସ୍ଥିର କରାଯାଇ କାର୍ଯ୍ୟକାରୀ କରାଯିବ । ସମସ୍ତ ପୋଖରୀର ପରିଚାଳନା ଦିଗରେ ସ୍ଥାନୀୟ କମିଟି ଗଠନ କରାଯାଇ ସେମାନଙ୍କ ଦ୍ୱାରା ସୌନ୍ଦର୍ଯ୍ୟକରଣ ଓ ରକ୍ଷଣାବେକ୍ଷଣ ହେବ। ସମସ୍ତ ବିଜ୍ଞାପିତ ଅଞ୍ଚଳ ପୋଖରୀରେ ଗାଧୋଇବା ସ୍ଥାନ ଏବଂ ପୋଖରୀ ନିକଟରେ ଶୌଚାଳୟ ନିର୍ମାଣ ହେବ। ଆବର୍ଜନା ସଫେଇ କାର୍ଯ୍ୟ ଅନବରତ ଚାଲୁ ରହିବ । ବର୍ଷେ କିମ୍ବା ଦୁଇ ବର୍ଷ ପର୍ଯ୍ୟନ୍ତ ଲଗାତର ଲୋକଙ୍କର ଅଭ୍ୟାସକୁ ଠିକ ପରିଚାଳନା କରାଗଲେ ନିଶ୍ଚିତରୂପେ ଗଞ୍ଜାମ ଜିଲାର ସୁନାମ ବଢିବ ବୋଲି ଜିଲାପାଳ କହିଥିଲେ । ବ୍ରହ୍ମପୁର ମହାନଗର ନିଗମ ତରଫରୁ ଏସଓପି ଜାରି କରାଯିବ। ଏବଂ ସ୍ୱଚ୍ଛ ଓଡିଶା ସୁସ୍ଥ ଓଡିଶା ସ୍ଲୋଗାନ ନେଇ ଏହି କାର୍ଯ୍ୟଧାରା ଚାଲୁ ରଖାଯିବ । ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିନ୍ଧେ ଦତ୍ତାତ୍ରେୟ ଭାଉ ସାହେବ, ବ୍ରହ୍ମପୁର ମହାନଗର ନିଗମ କମିଶନର ଡ. ସିଦ୍ଧେଶ୍ୱର ବଳିରାମ ବୋନ୍ଦାର, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅମୀୟ କୁମାର ସାହୁ, ଅତିରିକ୍ତ ଜିଲାପାଳ (ସାଧାରଣ) ଲୀନା କୁମାରୀ ଖେସ, ବ୍ରହ୍ମପୁର ଉପଜିଲାପାଳ, ଭି. କୀର୍ତ୍ତି ଭାସନ, ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି, ଭଞ୍ଜନଗର ଉପଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ଓ ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମୋ କଲେଜ ଅଭିଯାନର ଶୁଭାରମ୍ଭ


ମଞ୍ଚାସୀନ ଅତିଥି।

ପାରଳାଖେମୁଣ୍ଡି,୫।୧୦(ଡି.ଏନ୍.ଏ.)

ପାରଳାଖେମୁଣ୍ଡି କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ଆରମ୍ଭ ହୋଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଭଜମନ ବେହେରା, ମୁଖ୍ୟ ଅତିଥି ଭାବେ ମୋ କଲେଜ ଅଭିଯାନର ପରିଚାଳକ ଆକାଶ ଦାସ ନାୟକ ଯୋଗଦେଇ ମୋ କଲେଜ ଅଭିଯାନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ମୋ କଲେଜ ଅଭିଯାନ ମହାବିଦ୍ୟାଳୟ ସଂଯୋଗ ପଦାର୍ଥ ବିଜ୍ଞାନର ଅଧ୍ୟାପକ ସୁକାନ୍ତ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଆ ବିଭାଗର ମୁଖ୍ୟ ଡ. ଚନ୍ଦ୍ରଶେଖ ଦାସ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ଓ ଇଂଲିଶ ବିଭାଗର ମୁଖ୍ୟ ଡ. ସ୍ନେହପ୍ରଭା ପଣ୍ଡା ସଭା ପରିଚାଳନା କରିଥିଲେ।

# ଜିଲା କଂଗ୍ରେସ କମିଟିର ବିକ୍ଷୋଭ


ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଛତ୍ରପୁର,୫।୧୦(ଡି.ଏନ୍.ଏ.)

ଉତ୍ତରପ୍ରଦେଶରେ ଗାଡ଼ି ମଡ଼ାଇ ଚାଷୀଙ୍କୁ ହତ୍ୟା ବିରୋଧରେ ଗଞ୍ଜାମ ଜିଲା କଂଗ୍ରେସ କମିଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏଥିସହ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। କେନ୍ଦ୍ର ସରକାରଙ୍କ ୩ କଳା କୃଷି ଆଇନ ବିରୋଧରେ ଉତ୍ତରପ୍ରଦେଶରେ ଆନ୍ଦୋଳନ ଚଳାଇଥିବା ଚାଷୀଙ୍କ ଉପରେ କେନ୍ଦ୍ର ଗୃହରାଷ୍ଟ୍ର ମନ୍ତ୍ରୀ ଅଜୟ ମିଶ୍ରାଙ୍କ ପୁଅ ଗାଡି ଚଢାଇ ଦେଇଥିଲେ। ଜାତୀୟ କଂଗ୍ରେସ ସାଧାରଣ ସମ୍ପାଦିକା ପ୍ରିୟଙ୍କା ଗାନ୍ଧୀ ସେଠାକୁ ଯାଉଥିବା ବେଳେ ଅଧା ରାସ୍ତାରେ ଉତ୍ତରପ୍ରଦେଶ ସରକାରଙ୍କ ଦ୍ୱାରା ତାଙ୍କୁ ଅଟକାଇ ଗିରଫ କରାଯାଇଥିଲା। ଏହାକୁ ଜଲା କଂଗ୍ରେସ କମିଟି ଦୃଢ଼ ନିନ୍ଦା କରୁଛି। ମନ୍ତ୍ରୀଙ୍କ ପୁଅଙ୍କୁ ଗିରଫ ସହିତ ୩ କୃଷି ବିରୋଧୀ ଆଇନକୁ ରଦ୍ଦ କରିବାକୁ ଜିଲା କଂଗ୍ରେସ କମିଟି ଦାବି କରିଛି। ଗଞ୍ଜାମ ଜିଲା ସଭାପତି ତଥା ବିଧାୟକ ରମେଶ ଚନ୍ଦ୍ର ଜେନା ବିକ୍ଷୋଭରେ ନେତୃତ୍ୱ ନେଇଥିବା ବେଳେ ଜିଲା ଉପସଭାପତି ବିଜୟ ସାହୁ, ସାଧାରଣ ସମ୍ପାଦକ ପ୍ରଶାନ୍ତ ବିଶୋଇ, ପ୍ରଫୁଲ୍ଲ ପଣ୍ଡା, ଜିଲା ଛାତ୍ର କଂଗ୍ରେସ ସଭାପତି ବିକାଶ ପଶୁପାଳକ, ଛତ୍ରପୁର ବ୍ଲକ ସଭାପତି ଅବନୀ ଶତପଥୀ, ଛତ୍ରପୁର ନଗର ସଭାପତି ଜଲାଲ ଖାଁ, ଗଞ୍ଜାମ ବ୍ଲକ ସଭାପତି ଏନ ଗଣେଶ ରେଡ୍ଡି, ବ୍ରହ୍ମପୁର ମହାନଗର ନିଗମ ସଭାପତି ସୁଜୟ ଆଚାର୍ଯ୍ୟ, ସାଧାରଣ ସମ୍ପାଦିକା ବନଜା ପଣ୍ଡା, ଦେବାଶିଷ ମହାନ୍ତି, ସମେତ ବହୁ କଂଗ୍ରେସ ନେତା ଯୋଗ ଦେଇଥିଲେ।

# ମୋ ସରକାର କାର୍ଯ୍ୟକାରୀ ପାଇଁ ଆଲୋଚନା ବୈଠକ

ଫୁଲବାଣୀ ଅଫିସ, ୫।୧୦


ଜିଲାପାଳଙ୍କ ସହ ଅନ୍ୟମାନେ ଆଲୋଚନା କରୁଛନ୍ତି ।

କନ୍ଧମାଳ ଜିଲାପାଳଙ୍କ ସଦ୍ଭାବନା ସଭା ଗୃହରେ ମୋ ସରକାର କାର୍ଯ୍ୟକାରୀତା ନେଇ ଆଲୋଚନା ହୋଇଛି । ଜିଲାପାଳ ଡା.ବୃନ୍ଦା ଡି ଏଥିରେ ଅଧ୍ୟକ୍ଷତା କରିଥିଲେ । ଜିଲା ଓ ବ୍ଲକସ୍ତରରେ ସମସ୍ତ କାର୍ଯ୍ୟାଳୟରେ ମୋ ସରକାର ଡେସ୍କ ଖୋଲିବା ଏବଂ ସେଠାରେ ଜଣେ କର୍ମଚାରୀଙ୍କୁ ରଖି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଲୋକମାନେ ଯେପରି ତୁରନ୍ତ ନ୍ୟାୟ ପାଇ ପାରିବେ ସେଥିପାଇଁ ସବୁ ଅଧିକାରୀମାନେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଅଭିଯୋଗକାରୀ କେଉଁଠୁ ଆସିଛନ୍ତି, ତାଙ୍କର କ'ଣ ଅଭିଯୋଗ ରହିଛି, ତାହାକୁ ରେଜିଷ୍ଟରରେ ଲେଖି ଶୀଘ୍ର ସମାଧାନ କରିବାକୁ ଜିଲାପାଳ ଉପସ୍ଥିତ ସମସ୍ତ ଅଧିକାରୀଙ୍କୁ କହିଥିଲେ। ସେହିପରି କର୍ମଚାରୀମାନେ ଯେପରି ସମୟାନୁବର୍ତ୍ତୀ ହେବେ ଏବଂ ଏଣେ ତେଣେ ନ ବୁଲିବେ ସେଥିପ୍ରତି ସମସ୍ତ ଅଧିକାରୀ ଧ୍ୟାନ ଦେବାକୁ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ନିର୍ଦ୍ଦେଶ ଦେଇଥିଲେ । ଆଲୋଚନାରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ନାୟକଙ୍କ ସମେତ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# ଦୁର୍ଘଟଣାରେ ଚାଲିଗଲା ଛାତ୍ରଙ୍କ ଜୀବନ

ଫୁଲବାଣୀ ଅଫିସ/ବଲସକୁମ୍ପା (ଡି.ଏନ୍.ଏ.), ୫।୧୦

ଫୁଲବାଣୀରେ ମଙ୍ଗଳବାର ବାଇକ୍ ଦୁର୍ଘଟଣାରେ ଜଣେ ମେଧାବୀ ଛାତ୍ରଙ୍କର ଜୀବନ ଯାଇଛି । ସେ ହେଲେ ଡି.ଆଦର୍ଶ କୁମାର । ଏହି ଦୁର୍ଘଟଣାରେ ଅନ୍ୟ ଦୁଇ ଛାତ୍ରଙ୍କ ମଧ୍ୟରୁ ଜଣଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସରକାରୀ ଆଇଆଇଟିଆଇରେ ସହ ତାଲିମ ଅଧିକାରୀ ଥିବା ଡି.ଗୋପାଳକୃଷ୍ଣ ରାଓଙ୍କ ପୁଅ ଆଦର୍ଶ ନବୋଦୟରେ ଏକାଦଶ ଶ୍ରେଣୀରେ ପଢୁଥିଲେ। ସବୁ ଦିନ ପରି ମଙ୍ଗଳବାର ସକାଳେ ସେ ଟ୍ୟୁଶନ ପାଇଁ ଘରୁ ବାହାରିଥିଲେ । କୌଣସି କାରଣରୁ ଟ୍ୟୁଶନ୍ ଛୁଟି ହୋଇଥିଲା । ତେଣୁ ଦୁଇ ଜଣ ସାଙ୍ଗ ଅନ୍ୟ ଜଣେ ସାଙ୍ଗ ଠାରୁ ବାଇକ୍ ଆଣି ଆଦର୍ଶଙ୍କୁ ପଛରେ ବସାଇ ବୁଲିବାକୁ ଯାଇଥିଲେ। ଗୁଦାରୀ ପାଖରେ ଏକ ବୁଲାଣୀରେ ବାଇକ୍ ଭାରସାମ୍ୟ ହରାଇବାରୁ ନାଳ ପାର୍ଶ୍ୱକୁ ଖସି ପଡିଥିଲା। ସେଠାରେ ୩ ସାଙ୍ଗ ପଡି ଯାଇଥିଲେ । ସ୍ଥାନୀୟ ଲୋକେ ଏ ନେଇ ପୋଲିସକୁ ଖବର ଦେଇଥିଲେ। ସମସ୍ତଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲେ ମଧ୍ୟ ସେଠାରେ ଆଦର୍ଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଗୁରୁତର ଅବସ୍ଥାରେ ଅନ୍ୟ ଜଣଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି । ଏ ନେଇ ନଂ. ୧୧୭/୨୧ରେ ମାମଲା ରୁଜୁ କରି ଖଜୁରୀପଡ଼ା ପୋଲିସ ତଦନ୍ତ ଚଳାଇଛି।

# ବିଜେଡିରେ ମିଶ୍ରଣ ପର୍ବ


ବିଜେଡି ନେତା ଓ କର୍ମୀମାନେ ।

ଦାରିଙ୍ଗବାଡ଼ି,୫।୧୦(ଡି.ଏନ.ଏ)

ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ଅଞ୍ଚଳ ତଥା କଂଗ୍ରେସର ଗଡ଼ କୁହାଯାଉଥିବା ଗୁମିକିଆଠାରେ ମଙ୍ଗଳବାର ଦାରିଙ୍ଗବାଡି ବିଜେଡି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ଜ୍ୟୋତିରାଜ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସଂଗଠନକୁ ଆହୁରି ମଜବୁତ କରିବା ଓ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଦଳ ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇ ବିକାଶକୁ ତ୍ୱରାନ୍ୱିତ କରିବାରେ କର୍ମକର୍ତ୍ତାଙ୍କ ଦାୟିତ୍ୱ ସମ୍ପର୍କରେ କହିଥିଲେ। ଏହି ଅବସରରେ ଅନ୍ୟ ଦଳଛାଡ଼ି ବିଜେଡିରେ ପ୍ରାୟ ୧୧୦ ଜଣ ମିଶିଥିଲେ। ବିଧାୟକ ପ୍ରଧାନ ସେମାନଙ୍କୁ ଅଙ୍ଗବସ୍ତ୍ର ଦେଇ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ସଭାପତି ରଞ୍ଜନ କୁମାର ପ୍ରଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚ ସମିତିସଭ୍ୟ ଉପସ୍ଥିତ ଥିଲେ ।

# ଅସନ୍ତୋଷ ଜାହିର କଲେ ଜିଲା ପରିଷଦ ଅଧ୍ୟକ୍ଷା

ପାରଳାଖେମୁଣ୍ଡି,୫।୧୦(ଡି.ଏନ୍.ଏ.)

**ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଡକାଗଲାନି**



ଖବରଦାତା ସମ୍ମିଳନୀରେ ଜିଲା ପରିଷଦ ଅଧ୍ୟକ୍ଷା ଓ ପାରଳାଖେମୁଣ୍ଡି ବିଧାୟକ।

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିଠାରେ ଗତ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ ଶୁଭାରମ୍ଭ କରିଥିଲେ। ଏଥିସହ ଜିଲାର ବିଭିନ୍ନ ପ୍ରକଳ୍ପ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍‌ଘାଟନ କରିଥିଲେ। ତେବେ ଏହି କାର୍ଯ୍ୟକ୍ରମକୁ ଗଜପତି ଜିଲା ପରିଷଦ ଅଧ୍ୟକ୍ଷା ଅନୀତା ରାଣୀ ବେହେରାଙ୍କୁ ଡକାଯାଇ ନ ଯାଇ ଉପେକ୍ଷା କରାଯାଇଥିବା ମଙ୍ଗଳବାର ଅଭିଯୋଗ କରିଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ପାରଳାଖେମୁଣ୍ଡି ବିଧାୟକ ତଥା ଜିଲା ଭାଜପା ସଭାପତି କେ.ନାରାୟଣ ରାଓଙ୍କ ଉପସ୍ଥିତିରେ ଖବରଦାତା ସମ୍ମିଳନୀ କରି ଆହୁରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଜିଲାର ବିଭିନ୍ନ ପଦାଧିକାରୀଙ୍କଠାରୁ ଆରମ୍ଭ କରି ଜନପ୍ରତିନିଧିମାନଙ୍କୁ ନିମନ୍ତ୍ରଣ ହୋଇଥିଲା। ହେଲେ ଜଣେ ଅନୁସୂଚିତ ଜନଜାତିର ମହିଳା ଜନପ୍ରତିନିଧି ଏବଂ ଜିଲା ପରିଷଦ ଅଧ୍ୟକ୍ଷା ଭାବେ ବହୁ ଗୁରୁଦାୟିତ୍ୱ ତୁଲାଉ ଥିଲେ ବି ହେଲ୍‌ଥ କାର୍ଡ ବଣ୍ଟନ ଭଳି ଏକ ଲୋକାଭିମୁଖୀ ଯୋଜନାର ଶୁଭାରମ୍ଭ ଓ ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ କାର୍ଯ୍ୟକ୍ରମକୁ ଡକାଯାଇ ନ ଥିବାରୁ ଅନୀତା ଏହାର ପ୍ରତିବାଦ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ନାରୀଙ୍କୁ ସମ୍ମାନ ନାରା କେବଳ ଲୋକଦେଖାଣିଆ ବୋଲି ସେ ଅଭିଯୋଗ କରିଛନ୍ତି।

# ଖେଳ ପଡ଼ିଆରେ ଚାଷ, ଜିଲାପାଳଙ୍କୁ ଭେଟିଲେ ଗ୍ରାମବାସୀ


ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ଗ୍ରାମବାସୀ ଏବଂ ଖେଳାଳି ।

ଫୁଲବାଣୀ ଅଫିସ, ୫।୧୦

କନ୍ଧମାଳ ଜିଲା ଖଜୁରିପଡା ବ୍ଲକ ଝାମ୍ପି ଗ୍ରାମରେ ଫୁଟବଲ ପଡ଼ିଆକୁ ଦଳପଡା ଗ୍ରାମର ଜଣେ ବ୍ୟକ୍ତି ଦଖଲ କରି ସେଠାରେ ଚାଷ କରିଛନ୍ତି । ଏହାକୁ ଗ୍ରାମବାସୀ ବିରୋଧ କରୁଥିଲେ ମଧ୍ୟ ସେ କିଛି ଶୁଣୁନାହାନ୍ତି । ମଙ୍ଗଳବାର ଝାମ୍ପି ଗ୍ରାମବାସୀ ଏବଂ ଫୁଟବଲ ଖେଳାଳିମାନେ ଫୁଲବାଣୀ ଆସି ଜିଲାପାଳଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଦୀର୍ଘ ୨୫ବର୍ଷ ହେବ ଝାମ୍ପି ଗ୍ରାମର ଏକ ସ୍ଥାନରେ ଫୁଟବଲ ଖେଳ ହୋଇଆସୁଛି। କିଛିଦିନ ହେବ ଦଳପଡାର ଜଣେ ବ୍ୟକ୍ତି ସେଠାରେ ଚାଷ କରିଛନ୍ତି । ଗ୍ରାମବାସୀ ଏ ନେଇ ତାଙ୍କୁ ପଚାରିଲେ ତାହା ତାଙ୍କ ପଟ୍ଟା ଜମି ବୋଲି କହିଥିଲେ। ଏହାକୁ ନେଇ ଉଭୟପକ୍ଷଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା । ଗ୍ରାମବାସୀ ଖଜୁରିପଡା ଥାନାଧିକାରୀଙ୍କ ପାଖରେ ଅଭିଯୋଗ କରିଥିଲେ ମଧ୍ୟ ସେ କିଛି ଶୁଣି ନ ଥିଲେ । ପରେ ସଦର ଏସ୍‌ଡିପିଓଙ୍କୁ ଦେଖା କରିବାରୁ ସେ ଖଜୁରିପଡା ତହସିଲଦାରଙ୍କୁ ତଦନ୍ତ ପାଇଁ କହିଥିଲେ। ତହସିଲଦାରଙ୍କ ନିର୍ଦ୍ଦେଶକ୍ରମେ ଆର.ନୂଆଗାଁ ରାଜସ୍ୱ ନୀରିକ୍ଷକ ଘଟଣାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ସେହି ସ୍ଥାନର ପଟ୍ଟା ନ ଥିବା ତାଙ୍କ ରିପୋର୍ଟରେ ଦର୍ଶାଇଥିଲେ। ଖେଳ ପଡିଆ ପାଖରେ ଅନ୍ୟ ଜଣେ ବ୍ୟକ୍ତିଙ୍କର ପଟ୍ଟା ଜାଗା ଥିବା ଜଣାପଡିଥିଲା । ଏହି ଜାଗାକୁ କିଣିବା ପାଇଁ ମାଲିକଙ୍କ ସହ ମଧ୍ୟ ଚୁକ୍ତି ହୋଇଛି। ହେଲେ ଚାଷ କରିଥିବା ବ୍ୟକ୍ତି କିଛି ଶୁଣୁ ନାହାନ୍ତି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ କରି ସେହି ସ୍ଥାନକୁ ଖେଳ ପଡିଆ ପାଇଁ ଅନୁମତି ଦେବାକୁ ଦାବିପତ୍ରର ଉଲ୍ଲେଖ କରାଯାଇଛି । ପୂର୍ଣ୍ଣଚନ୍ଦ୍ର କହଁର, ଚିତ୍ତରଞ୍ଜନ କହଁର, ଦୁଷ୍ମନ୍ତ ସାହୁ, ଅଭିମନ୍ୟୁ ସାହୁଙ୍କ ସମେତ ବହୁ ଲୋକେ ଏବଂ ଖେଳାଳି ଦାବିପତ୍ର ପ୍ରଦାନ କରିଥିଲେ ।

# ଦ୍ୱିତୀୟ ଦିନରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ

ପାରଳାଖେମୁଣ୍ଡି/ଆର୍.ଉଦୟଗିରି/ ରାୟଗଡ଼ (ଗଜପତି)/(ଡି.ଏନ୍.ଏ.) ଗୋଷାଣୀ,୫।୧୦



ଆର୍.ଉଦୟଗିରିରେ ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟକାର୍ଡ ବଣ୍ଟନ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଗଜପତି ଜିଲା ଗସ୍ତରେ ଆସି ପାରଳାଖେମୁଣ୍ଡିଠାରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ପ୍ରଦାନର ଶୁଭାରମ୍ଭ କରିଛନ୍ତି। ଜିଲାର ବିଭିନ୍ନ ସ୍ଥାନରେ ମନ୍ତ୍ରୀମାନେ ଉପସ୍ଥିତ ରହି ସ୍ମାର୍ଟ ହେଲଥ କାର୍ଡ ବଣ୍ଟନ କରିଛନ୍ତି। ଏହି ଅବସରରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଓ ମିଶନ ଶକ୍ତିର ଉପଦେଷ୍ଟା ସୁଶ୍ରୀ ଲୋପାମୁଦ୍ରା ବକ୍ସିପାତ୍ର ଗୁମ୍ମା ବ୍ଲକରେ ପହଞ୍ଚି ହିତାଧିକାରୀଙ୍କୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରିଥିଲେ। ପରେ ଗୁମ୍ମା ବ୍ଲକର ରାଗିଡି ପଞ୍ଚାୟତ, ତୋରଭା ପଞ୍ଚାୟତ ଓ ଉଖୁରା ପଞ୍ଚାୟତରେ ହିତାଧିକାରୀଙ୍କୁ ନୂଆ ସ୍ମାର୍ଟ କାର୍ଡ ପ୍ରଦାନ କରିବା ସହ ୨ ସ୍ୱୟଂ ସହାୟକ ଗୋଷ୍ଠୀ ପାନୁଏଲ ଓ ଉତକ୍ରୋସ ଦଳକୁ ୨ଲକ୍ଷ ଟଙ୍କାର ବ୍ୟାଙ୍କ ଲୋନର ଚେକ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସାହୁ, ମିଶନ ଶକ୍ତିର ଉପଦେଷ୍ଟା, ଉପଜିଲାପାଳ ଦିଲୀପ କୁମାର ମହାରଣା, ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳି ଭୂୟାଁ, ବିଡିଓ ନଟବର ଗରଡ଼ା, ତହସିଲଦାର ଭାସ୍କର ଚନ୍ଦ୍ର ସାହୁ, ଜିଲା ପରିଷଦ ସଭ୍ୟାସଭ୍ୟ, ଗୁମ୍ମା ସମିତି ସଭ୍ୟ ନୀହାର ରଞ୍ଜନ ଷଡ଼ଙ୍ଗୀ ପ୍ରମୁ ଉପସ୍ଥିତ ଥିଲେ। ସେହିପରି ଆର.ଉଦୟଗିରି ବ୍ଲକର ବିଭିନ୍ନ ପଞ୍ଚାୟତରେ ଅନୁସୂଚିତ ଜାତି ଓ ଜନଜାତି ମନ୍ତ୍ରୀ ଜଗନ୍ନାଥ ସାରକା ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି। ଆର.ଉଦୟଗିରି ଗ୍ରାମପଞ୍ଚାୟତ ପକ୍ଷରୁ ଗ୍ରାମର ଶିବ ମନ୍ଦିର ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସାରକା ଓ ସମ୍ମାନିତ ଅତିଥି ଭାବେ ପ୍ରିୟଦର୍ଶୀ ମିଶ୍ର, ବିଡିଓ ପ୍ରଦୀପ କୁମାର ନାୟକ, ବ୍ଲକ ଅଧ୍ୟକ୍ଷା ଅନିତା ମଣ୍ଡଳ, ତହସିଲଦାର ନାରାୟଣ ବେହେରା, ରାମଗିରି ଜିଲା ପରିଷଦ ସଭ୍ୟା ସୁପ୍ରିୟା ମଣ୍ଡଳ, ଆର.ଉଦୟଗିରି ଜିଲା ପରିଷଦ ସଭ୍ୟ ଯାକବ ମାଝୀ ଓ ସ୍ଥାନୀୟ ସରପଞ୍ଚ ସଞ୍ଜୁତା ପୂଜାରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମସ୍ତ କାର୍ଯ୍ୟକ୍ରମକୁ ବ୍ଲକର ସହକାରୀ ଯନ୍ତ୍ରୀ ବି. ଶାନ୍ତନୁ କୁମାର, କନିଷ୍ଠ ଯନ୍ତ୍ରୀ ବିରଜା ପ୍ରସାଦ ପଣ୍ଡା ଏବଂ ଅନ୍ୟ କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ପିଇଓମାନେ ପରିଚାଳନା କରିଥିଲେ।

ସେହିପରି ରାୟଗଡ଼ ବ୍ଲକରେ ଜଳ ସମ୍ପଦ ମନ୍ତ୍ରୀ ରଘୁ ନନ୍ଦନ ଦାସ ମଙ୍ଗଳବାର ସାନତୁଣ୍ଡି, କୁମୁଲାସିଂ, ଜଲାଙ୍ଗ, ଏସ୍. କରଡାସିଂ, ଗଣ୍ଡାହାତୀ ଆଦି ୫ ପଞ୍ଚାୟତରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ସ୍ମାର୍ଟ ହେଲଥ୍ କାର୍ଡ ବଣ୍ଟନ କରିଥିଲେ। ଏହାପରେ ଗଣ୍ଡାହାତୀ ଜଳପ୍ରପାତ ବୁଲି ଦେଖିଥିଲେ ମନ୍ତ୍ରୀ। ବିଡିଓ ରାଜା ରଞ୍ଜିତ ପ୍ରତାପ ବଳଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟତମ ଅତିଥି ଭାବେ ନୋଡାଲ ଅଫିସର ସନ୍ତୋଷ ରଥ, ଏବିଡିଓ ପିତାମ୍ବର ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ଆର୍. ବିଜୟ କୁମାର, ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ଦାସ, ବିଜେଡ଼ି ମହିଳା ସଭାନେତ୍ରୀ ପୂର୍ଣ୍ଣବାସି ନାୟକ, ବ୍ଲକ ଉପାଧ୍ୟକ୍ଷା ଟି. ଇଶ୍ୱରୀ ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସିଡିପିଓ ତେରେସ୍କୋଭା ମଲ୍ଲିକ ଏବଂ ବିପିଏମ୍ ଲତିକା ଦେବୀ ପରିଚାଳନା କରିଥିଲେ। ସେହିପରି ଗୋଷାଣୀ ବ୍ଲକରେ ଦ୍ୱିତୀୟ ଦିନରେ ରାଜ୍ୟ ଅର୍ଥ ଓ ଅବକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ କତଲକଇଠା, ବାଘଶଳା, ଅଗରଖଣ୍ଡି, ସରଧାପୁର, ଗୁରାଣ୍ଡି, ତାଟିପେଟି, ଭୁଷୁକୁଟି ଗ୍ରାମପଞ୍ଚାୟତ ବୁଲି ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରିଥିଲେ। ଏହି ଅବସରରେ ବିଜୁ ସ୍ୱାସ୍ଥ୍ୟ କାର୍ଡ ଉପଦେଷ୍ଟା ସୁଧୀର କୁମାର ଦାସ, ବିଡିଓ କିଶୋର ଚନ୍ଦ୍ର ଦାସ, ସମିତି ଅଧ୍ୟକ୍ଷା ସିଏଚ୍ ତାରେକେଶ୍ୱରୀ, ପାରଳା ବିଧାୟିକା କେ.ନାରାୟଣ ରାଓ, ରାଜସ୍ୱ ବିଭାଗ ଅଧିକାରୀ ରଞ୍ଜିତ କୁମାର ରଣଜିତ, ଗୋଷାଣୀ ବ୍ଲକର ବିଭାଗୀୟ କର୍ତ୍ତୃପକ୍ଷ ପ୍ରମୁଖ ଯୋଗ ଦେଇଥିଲେ।

## ସଂକ୍ଷେପରେ

### ଧୋବା ଦାସ ହତ୍ୟା ମାମଲା
## ହତ୍ୟାକାରୀଙ୍କୁ ଆଜୀବନ କାରାଦଣ୍ଡ

**ନୟାଗଡ଼ ଅଫିସ,୫।୧୦:** ନୟାଗଡ଼ ଜିଲା ଜଜ ଓ ଦୌରାଜଜଙ୍କ କୋର୍ଟରେ ମଙ୍ଗଳବାର ଲାଠିପଡ଼ା ଧୋବା ଦାସ ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି । ଜିଲା ଜଜ ଓ ଦୌରାଜଜ ରୂପଶ୍ରୀ ଚୌଧୁରୀ ଏହାର ବିଚାର କରି ହତ୍ୟାକାରୀ ବିଜୟ ବେହେରାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ପ୍ରାପ୍ତ ସୂଚନା ଅନୁସାରେ ୨୦୦୫ ମାର୍ଚ୍ଚ ୨ରେ ଲାଠିପଡ଼ାର ଧୋବା ଦାସଙ୍କୁ ଅପହରଣ କରି ହତ୍ୟା କରାଯାଇଥିଲା । ଏନେଇ ଧୋବାଙ୍କ ପୁଅ ଜଗନ୍ନାଥଙ୍କ ଅଭିଯୋଗ କ୍ରମେ ନୟାଗଡ଼ ଥାନା ପୋଲିସ ଏକ ମାମଲା(ନଂ. ୩୯/୩।୩।୨୦୫) ରୁଜୁ କରିଥିଲା । ପରେ ଏହି ଘଟଣାରେ ହତ୍ୟାକାରୀ ଲାଠିପଡ଼ାର ବିଜୟ ବେହେରା ଓ ରବୀନ୍ଦ୍ର ସେଠୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଉଭୟେ ଜେଲରେ ଥିଲେ । କିଛି ଦିନ ପରେ ରବୀନ୍ଦ୍ର ସେଠୀ ଜାମିନ ପାଇଥିଲେ । ମଙ୍ଗଳବାର କୋର୍ଟରେ ରବୀନ୍ଦ୍ର ଖଲାସ ହୋଇଛନ୍ତି ବୋଲି ସରକାରୀ ଓକିଲ ବିଷ୍ଣୁ ପ୍ରସାଦ ଓ ଅନୱର ମଲ୍ଲିକ ସୂଚନା ଦେଇଛନ୍ତି ।

### ୫ ମାସର ପ୍ରାପ୍ୟ ମିଳୁନାହିଁ, ଆହାର କେନ୍ଦ୍ର ସଫେଇ ବନ୍ଦ

**ଖଣ୍ଡପଡ଼ା,୫।୧୦(ସ୍ୱ.ପ୍ର):** ଖଣ୍ଡପଡ଼ା ଏନଏସି କର୍ତ୍ତୃପକ୍ଷଙ୍କ ଯୋଗୁ ଆହାରକେନ୍ଦ୍ରରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କୁ ଗତ ୫ମାସ ହେଲା ପ୍ରାପ୍ୟ ପ୍ରଦାନ କରାଯାଇନାହିଁ । ଫଳରେ ସଫେଇ କର୍ମଚାରୀ ଜଣକ ଠିକ୍‌ରେ ଆହାରକେନ୍ଦ୍ର ପରିସରକୁ ସଫା ସୁତୁରା କରୁ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଆହର କେନ୍ଦ୍ର ସୁପରିଚାଳନା ଦାୟିତ୍ୱରେ ଥିବା ପ୍ରଶାସନିକ ଅଧିକାରୀଙ୍କ ଖାମଖିଆଲି ନୀତି ଯୋଗୁ ଏଭଳି ଅବ୍ୟବସ୍ଥା ଦେଖାଦେଇଥିବା ଅଭିଯୋଗ ହେଉଛି । ଆହର କେନ୍ଦ୍ରର ପରିବେଷଣ ଦାୟିତ୍ୱ ମା'ଶାରଳା ସ୍ୱଂଯ ସହାୟିକା ଗୋଷ୍ଠୀ ଉପରେ ନ୍ୟସ୍ତ କରାଯାଇଛି । ନିୟମିତ ଭାବେ ଆହାର କେନ୍ଦ୍ରକୁ ପରିଷ୍କାର ରଖିବା, ଟେବୁଲ ଗୁଡିକୁ ସଫା କରିବା ନିମନ୍ତେ ମହିଳା ସ୍ୱଂୟସହାୟିକା ଗୋଷ୍ଠୀର ସଦସ୍ୟମାନଙ୍କୁ ନାକେଦମ ହେବାକୁ ପଡୁଛି । ଏପରିକି ଆହାରକେନ୍ଦ୍ରକୁ ଏନଏସି କର୍ତ୍ତୃପକ୍ଷ ନିୟମିତ ଭାବେ ସାବୁନ, ସର୍ଫ ଏବଂ ବ୍ଲିଚିଂ ପାଉଡର ଆଦି ଯୋଗାଇ ଦେଉ ନଥିବା ନେଇ ଅଭିଯୋଗ ଉଠିଛି । ଆହାର କେନ୍ଦ୍ରରେ ଦେଖା ଦେଇଥିବା ଅବ୍ୟବସ୍ଥା ପ୍ରତି ଏନଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୃଷ୍ଟି ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଖଣ୍ଡପଡା ସହରବାସୀ ଦାବି କରିଛନ୍ତି।

### କାଠି ଠାକୁରାଣୀଙ୍କ ପର୍ବ

**ନୟାଗଡ ଅଫିସ,୫।୧୦:** ଖିଲାମୁଣ୍ଡାଙ୍କ କାଠି ଠାକୁରାଣୀ ପର୍ବ ଆଶ୍ୱିନ ମାସରେ ବୁଧବାର ମୌଳା ଅମାବାସ୍ୟା ଠାରୁ ଆରମ୍ଭ ହେବ । ୫ଦିନ ଧରି ଏ ପର୍ବ ଚାଲୁ ରହିବ । ଠକୁରାଣୀ ଗୋଡିପଡା ଓ ଆଖପାଖ ଅଞ୍ଚଳକୁ ବୁଲି ଭୋଗ ଖାଇବେ । ପୀଠରେ ନାମ ସଂକୀର୍ତ୍ତନ, ଭଗବତ, ଅପେରା ଆଦି କାର୍ଯ୍ୟକ୍ରମ ହେବ । ୯ ହଜାର ୯ ଆଙ୍ଗୁଳିର କାଠି ଠାକୁରାରୀଙ୍କ ମହିମା ଅପାର ବୋଲି ସ୍ଥାନୀୟ ଲୋକଙ୍କ ବିଶ୍ୱାସ ରହିଛି ।

# କୋରମ ଅଭାବ ଦର୍ଶାଇ ଉପନିର୍ବାଚନ ରଦ୍ଦ

**ଭାପୁର ବ୍ଲକ ଅଧକ୍ଷା ଉପନିର୍ବାଚନ**

**ଜଣେ ପ୍ରାର୍ଥିନୀ କରିଥିଲେ ନାମାଙ୍କନ ପତ୍ର ଦାଖଲ**

ନୟାଗଡ଼ ଅଫିସ,୫।୧୦



ଉପନିର୍ବାଚନ ପାଇଁ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ପୋଲିସ ପହରା ।

ରାଜ୍ୟ ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶ ଅନୁସାରେ ନୟାଗଡ଼ ଜିଲା ଭାପୁର ବ୍ଲକର ଅଧକ୍ଷା ପଦବୀ ପାଇଁ ମଙ୍ଗଳବାର ଉପନିର୍ବାଚନ ଭାପୁର ବ୍ଲକ କାର୍ଯ୍ୟାଳୟରେ ହୋଇଥିଲା । ଏହି ପଦବୀ ପାଇଁ ଅନୁସୂଚିତ ଜନଜାତି ବର୍ଗର ମହିଳା ଭାବେ କେନ୍ଦୁପଲ୍ଲୀ ସମିତି ସଭ୍ୟା ତଥା ପୂର୍ବତନ ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରା ଦୁଇ ସେଟ ନାମାଙ୍କନ ପତ୍ର ଦାଖଲ କରିଥିଲେ । ଏହି ପଦବୀ ପାଇଁ ସଂରକ୍ଷିତ ବର୍ଗର ଅନ୍ୟ କୌଣସି ପ୍ରାର୍ଥୀ ନ ଥିବାରୁ ଆଉ କୌଣସି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ନ ଥିଲେ । ପ୍ରାର୍ଥୀପତ୍ର ଦାଖଲ ଶେଷ ପରେ ନିର୍ବାଚନ ଅଧିକାରୀ ନୟାଗଡ଼ ତହସିଲଦାର ଭିକାରୀ ସାହୁ ଶାନ୍ତିଲତାଙ୍କ ପ୍ରାର୍ଥୀପତ୍ର ବୈଧତା ରହିଲା ବୋଲି ଘୋଷଣା କରିଥିଲେ । ତେବେ କୋରମ ଅଭାବ ଦର୍ଶାଇ ନିର୍ବାଚନକୁ ରଦ୍ଦ କରାଗଲା ବୋଲି ନିର୍ବାଚନ ଅଧିକାରୀ ଘୋଷଣା କରିଥିଲେ ।

ସୂଚନାଯୋଗ୍ୟ,୨୦୧୭ ପଞ୍ଚାୟତ ନିର୍ବାଚନରେ ଭାପୁର ବ୍ଲକକୁ ବିଜେଡି ନିଜ ଦଖଲରେ ରଖିଥିଲା । ଶାନ୍ତିଲତା ଅଧକ୍ଷା ଓ ଗୟାଧର ପରିଡ଼ା ଉପାଧକ୍ଷ ହୋଇଥିଲେ । ହେଲେ ଅଧକ୍ଷା ଶାନ୍ତିଲତା ଉପାଧକ୍ଷଙ୍କ ନାଁରେ ଅଭିଯୋଗ କରିବା ପରେ ବିବାଦ ଆରମ୍ଭ ହୋଇଥିଲା । ସରକାରୀ ଅଫିସକୁ ବ୍ଲକ ଉପାଧକ୍ଷ ଜବରଦଖଲ କରି ରଖିବା, ତାଙ୍କୁ ବ୍ଲକ ଅଫିସକୁ ନ ଆସିବାକୁ ଧମକ ଦେବା, ସରକାରୀ କାର୍ଯ୍ୟରେ ଉପାଧକ୍ଷ ସବୁ ସମୟରେ ବାଧା ଦେବା, ଜାଲ୍ ଦସ୍ତଖତ ଓ ଜାଲ୍ ଲେଟର ପ୍ୟାଡ୍‌କୁ ବ୍ୟବହାର କରି ସରକାରୀ ଟଙ୍କା ଆତ୍ମସାତ, କୋଟି ଟଙ୍କାର ଫଲସ ବିଲ୍ କରାଇ ଅଧକ୍ଷାଙ୍କୁ ଫସାଇବା ନେଇ ଫତେଗଡ ଥାନାରେ ଗତ ଜୁଲାଇ ୧୧ରେ ଅଭିଯୋଗ ହୋଇଥିଲା । ପ୍ରତିବାଦ କରିବାରୁ ବିଭିନ୍ନ ସମୟରେ ହତ୍ୟା ଧମକ, ଜାତିଆଣ ଆକ୍ଷେପ ସହିବାକୁ ପଡିଥିବା ଅଧକ୍ଷା ଅଭିଯୋଗରେ ଦର୍ଶାଇଥିଲେ । ପୋଲିସ ଗତ ଜୁଲାଇ ୧୫ରେ ମୋକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏହା ପରେ ଅଧକ୍ଷା ଓ ଉପାଧକ୍ଷଙ୍କ ମଧ୍ୟରେ ରାଜନୈତିକ ବିବାଦ ଲାଗି ରହିଥିଲା । ଅନ୍ୟପକ୍ଷେ ଅଧକ୍ଷା ଥାନାରେ ଅଭିଯୋଗ କରିବା ପରେ ଗତ ଜୁଲାଇ ୧୩ରେ ଉପାଧକ୍ଷଙ୍କ ସହଯୋଗୀମାନେ ଅଧକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ଆବେଦନ କରିଥିଲେ । ଗତ ଅଗଷ୍ଟ୧୭ ରେ ଅନାସ୍ଥା ଭୋଟରେ ଶାନ୍ତିଲତା ହାରିଥିଲେ । ପରେ ଅକ୍ଟୋବର ୫ରେ ଭାପୁର ବ୍ଲକ ଅଧକ୍ଷା ଉପ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ତାରିଖ ଘୋଷଣା କରିବା ପରେ ଭାପୁର ବ୍ଲକ ରାଜନୀତି ଚଳଚଞ୍ଚଳ ହୋଇ ଉଠିଥିଲା । ବ୍ଲକ ଅଧକ୍ଷା ପଦବୀ ଅନୁସୂଚିତ ଜନଜାତି ବର୍ଗର ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ଅନାସ୍ଥାରେ କଟିଥିବା ପୂର୍ବତନ ଅଧକ୍ଷା ଶାନ୍ତିଲତା ପୁଣି ଏହି ପଦବୀ ପାଇଁ ହକଦାର ହୋଇଥିଲେ । କିନ୍ତୁ କୋରମ ଅଭାବରୁ ନିର୍ବାଚନ ରଦ୍ଦ ପରେ ପୁଣି ବିରୋଧି ଗୋଟି ଚାଳନାରେ ସଫଳ ହେଲେ ବୋଲି କୁହାଯାଉଛି । ଜିଲା ପଞ୍ଚାୟତ ଅଧିକାରୀ ରତିକାନ୍ତ ଆଚାର୍ଯ୍ୟ କୁହନ୍ତି, ରାଜ୍ୟ ନିର୍ବାଚନ କମିଶନଙ୍କ ପତ୍ରାଙ୍କ ସଂଖ୍ୟା ୩୪୦୬/ ୯।୩।୨୦୦୭ ଅନୁସାରେ କୋରମ ନ ହେବାରୁ ଭାପୁର ବ୍ଲକ ଅଧକ୍ଷା ଉପନିର୍ବାଚନକୁ ମଙ୍ଗଳବାର ରଦ୍ଦ କରାଯାଇଛି ବୋଲି ସେ କହିଛନ୍ତି ।

### ଉପନିର୍ବାଚନ ବାତିଲ ସମ୍ବିଧାନ ବିରୋଧୀ

ଭାପୁର ବ୍ଲକ ଅଧକ୍ଷା ପଦ ପାଇଁ ମଙ୍ଗଳବାର ଉପନିର୍ବାଚନରେ କେନ୍ଦୁପଲ୍ଲୀ ସମିତି ସଭ୍ୟା ତଥା ପୂର୍ବତନ ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରା ଏକମାତ୍ର ନାମାଙ୍କନ ପତ୍ର ଦାଖଲ କରିଥିଲେ । ତାହା ବୈଧ ରହିଥିଲା । ତେବେ ନିର୍ବାଚନ ଅଧିକାରୀ ଶାନ୍ତିଲତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷଣା ନ କରି ନିର୍ବାଚନକୁ କୋରମ ଅଭାବ ଦେଖାଇ ରଦ୍ଦ କରିବା ଗଣତନ୍ତ୍ରକୁ ହତ୍ୟା କରାଗଲା ବୋଲି କଂଗ୍ରେସ ଅଭିଯୋଗ କରିଛି । ଏନେଇ କଂଗ୍ରେସର ଜିଲା ସଭାପତି ରଣଜିତ୍ ଦାଶ କୁହନ୍ତି ପ୍ରାର୍ଥୀପତ୍ର ବୈଧତା ରହିବା ଓ ଜଣେ ପ୍ରାର୍ଥୀ ଥିବାରୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ କରାଗଲା ବୋଲି ଘୋଷଣା କରାଯିବା କଥା । ତେବେ ନିର୍ବାଚନ ଅଧିକାରୀ କୋରମ ନ ଥିବା କହି ନିର୍ବାଚନକୁ ରଦ୍ଦ କରିବା ରାଜ୍ୟ ନିର୍ବାଚନ କମିଶନଙ୍କ ବିଜ୍ଞପ୍ତିକୁ ଅଣଦେଖା କରିଛନ୍ତି । ୨୦୦୭ରେ ନିର୍ବାଚନ କମିଶନଙ୍କ ପ୍ରଶାସନିକ ରୁଲିଂକୁ ଆଧାର କରି ଉପନିବାଚନ ବାତିଲ କରିବା ଅନଭିଜ୍ଞତାର ପ୍ରତିଫଳନ । କାରଣ ୧୪ ବର୍ଷ ତଳର ଏକ ପ୍ରଶାସନିକ ରୁଲିଂକୁ ଉପଯୋଗ କରିବା ଠିକ୍ ନୁହେଁ । ପୁଣି ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ରାଜ୍ୟ ନିର୍ବାଚନ କମିଶନଙ୍କଠାରୁ କୌଣସି ମତାମତ ନନେଇ କୋରମ ଅଭାବରୁ ନିର୍ବାଚନ ରଦ୍ଦକୁ ସମର୍ଥନ କରିବା ଠିକ ନୁହେଁ । ବ୍ଲକ ଅଧକ୍ଷ ଓ ଉପାଧକ୍ଷ୍ୟ ନିର୍ବାଚନ ଓ ଉପନିର୍ବାଚନ ପାଇଁ କୋରମର ଆବଶ୍ୟକତା ନ ଥିବା ପଞ୍ଚାୟତ ସମିତି ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିଛି । ଜିଲା ନିର୍ବାଚନ ଅଧିକାରୀଙ୍କ ଉପନିର୍ବାଚନ ରଦ୍ଦ ନିଷ୍ପତ୍ତି ସାଧାରଣରେ ଅସନ୍ତୋଷ ସୃଷ୍ଟି କରିଛି ।

### କ୍ଷମତାରୁ ଦୂରେଇ ରଖିବା ପାଇଁ ଷଡ଼ଯନ୍ତ୍ର

ପୂର୍ବତନ ବ୍ଲକ ଅଧକ୍ଷା ଶାନ୍ତିଲତା ବେହେରା କୁହନ୍ତି, ୮୦ କୋଟି ଦୁର୍ନୀତିର ପର୍ଦ୍ଦାଫାସ ନ କରିବାକୁ ଗୋଟି ଚାଳନା ଚାଲିଛି । ୮୦ କୋଟି ଦୁର୍ନୀତିର ଅଭିଯୋଗ ଆଣିବା ପରେ ଅନାସ୍ଥାରେ ମୋତେ ବିଦା କରାଗଲା । ଉପନିର୍ବାଚନରେ ନିଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ଜାଣିଲା ପରେ ଘନଘନ ବୈଠକ କରାଗଲା । କ'ଣ କରାଗଲେ ମୋତେ ରୋକାଯିବ ସେନେଇ ପଥ ପ୍ରସ୍ତୁତ ହେଲା । ଉପନିର୍ବାଚନ ସମୟରେ ଉପାଧକ୍ଷଙ୍କ ଗୋଷ୍ଠୀ ଅନୁପସ୍ଥିତ ରହିଲେ । ପୁଣି ଷଡ଼ନ୍ତ୍ର କରି କୋରମ ଅଭାବ ଦେଖାଇ ନିର୍ବାଚନକୁ ରଦ୍ଦ କଲେ । ହେଲେ ଲିଖିତ ଭାବେ ରଦ୍ଦ କରାଗଲା ବୋଲି ଅର୍ଡର ଦେଇନାହାନ୍ତି ବୋଲି ସେ କହିଛନ୍ତି । ଭାପୁର ବ୍ଲକରେ ବାରମ୍ବାର ଗଣତନ୍ତ୍ରକୁ ହତ୍ୟା କରାଯାଉଛି ବୋଲି କ୍ଷୋଭର ସହ ସେ କହିଛନ୍ତି । ପ୍ରଶାସନ ପକ୍ଷରୁ ସହଯୋଗ ମିଳୁନି ବୋଲି ସେ ଦର୍ଶାଇଛନ୍ତି ।

### କ୍ଲିନିକ ମାଲିକଙ୍କୁ କୋର୍ଟଚାଲାଣ

ଖଣ୍ଡପଡା,୫।୧୦(ସ୍ୱ.ପ୍ର.)

ଖଣ୍ଡପଡ଼ା ସହରର ବାଲାଜୀ କ୍ଲିନିକ୍ ସିଲ୍ ଘଟଣାରେ ସ୍ୱାସ୍ଥ୍ୟ ବିଭାଗ ଏତଲା କ୍ରମେ ସଂପୃକ୍ତ କ୍ଲିନିକର ମାଲିକ ବରେନ୍ଦ୍ରକୃଷ୍ଣ ମହାରଥୀଙ୍କୁ ପୋଲିସ ସୋମବାର ଗିରଫ ମଙ୍ଗଳବାର କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ସହରାସ୍ଥିତ ମେଡିକାଲ ପଛ ପାଖରେ ତହସିଲ ରୋଡରେ ଅବସ୍ଥିତ ଉକ୍ତ କ୍ଲିନକିଟି ତ୍ରିନାଥ ବାରିକଙ୍କ ନାମରେ ଚାଲିଥିଲା । ତେବେ ସଂପୃକ୍ତ ବ୍ୟକ୍ତିଙ୍କର ଦୀର୍ଘ ୭ମାସ ହେବ ପରଲୋକ ହୋଇଯାଇଥିଲା । କ୍ଲିନକ ଚାଲୁ କରିବା ପାଇଁ ବିଧିବଦ୍ଧ ତଥା ଆଇନଗତ ଆବଶ୍ୟକୀୟ କାଗଜପତ୍ର ନ ଥିବା ବେଳେ ଗତ ମାସ ୪ ତାରିଖରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉକ୍ତ କ୍ଲିନକିକୁ ସିଲ୍ କରିଥିଲା ।

### ଲୁଟେରା ଗିରଫ, ଚୋରି ସାମଗ୍ରୀ ଉଦ୍ଧାର

ବ୍ରହ୍ମପୁର ଅଫିସ,୫।୧୦

ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରିଛି । ଅଭିଯୁକ୍ତ ଜଣଙ୍କ ଧାନମେରା ସାହିର ରଞ୍ଜନ ଦାଶ (୩୩) । ସେ ଜଣେ ପେସାଦାର ଅପରାଧୀ ବୋଲି ପୋଲିସ କହିଛି । ମାମଲା ନମ୍ବର ୨୦୪/୨୧ରେ ରଞ୍ଜନଙ୍କୁ କୋର୍ଟ ଚାଲାଣ କରାଯାଇଛି । କୋର୍ଟ ନିର୍ଦ୍ଦେଶକ୍ରମେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ବୋଲି ପୋଲିସ କହିଛି । ପ୍ରକାଶ ଯେ, ଗତ ୨ ତାରିଖ ରାତି ପ୍ରାୟ ସାଢେ ୮ଟାରେ ଜଣେ ଫେରିବାଲା ଜିତେନ୍ଦ୍ର ମହାପାତ୍ର ହନୁମାନ ବଜାର ରାସ୍ତା କଡ଼ରେ ଚୁଡ଼ି ବିକ୍ରି କରୁଥିଲେ । ରଞ୍ଜନ ସେଠାରେ ପହଞ୍ଚି ଚୁଡ଼ିବାଲାଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ । ସେ ନ ଦେବାରୁ ତାଙ୍କୁ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ । ଏପରିକି ଫେରିବାଲାଙ୍କୁ ଆକ୍ରମଣ କରି ତାଙ୍କର ମୋବାଇଲ ଓ ସେ ବିକ୍ରି ପାଇଁ ଆଣିଥିବା ପ୍ରାୟ ୨୫ହଜାର ଟଙ୍କାର ଚୁଡ଼ି ନେଇ ଚମ୍ପଟ ମାରିଥିଲେ ।

## ଦୁର୍ଗାପୂଜା ପାଇଁ କଟକଣା ଜାରି

ନୟାଗଡ ଅଫିସ,୫।୧୦



- ମଣ୍ଡପରେ ରହିବେ ୭ ଜଣ
- ବାଜିବନି ଡାକବାଜି ଯନ୍ତ୍ର, ଫୁଟିବ ନାହିଁ ବାଣ
- ପୂଜା କରିବା ପାଇଁ ନେବାକୁ ପଡିବ ଅନୁମତି

କୋଭିଡ ସମୟରେ ଦୁର୍ଗାପୂଜା ପାଳନ ନେଇ ମଙ୍ଗଳବାର ଅପରାହ୍ନ ୪ଘଟିକା ସମୟରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ବୈଠକ ଅନୁଷ୍ଠିତ ହୋଇଯାଇଛି । କୋଭିଡ୍ ନିୟମ ପାଳନ କରି ଦୁର୍ଗାପୂଜା କରିବା ନିମନ୍ତେ ବୈଠକରେ ଜିଲାପାଳ ପରାମର୍ଶ ଦେଇଛନ୍ତି । ତେବେ ପୂଜା କରିବା ନେଇ ପୂଜା କମିଟିମାନେ ଜିଲା ପ୍ରଶାସନଠାରୁ ଅନୁମତି ନେବା ପାଇଁ ପ୍ରକାଶ କରିଥିଲେ । ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ କହିଲେ ଯେ, ସହରରେ ରାତ୍ରିକାଳୀନ କର୍ଫ୍ୟୁ ରାତ୍ର ୧୦ଘଟିକା ଠାରୁ ସକାଳ ୫ଘଟିକା ପର୍ଯ୍ୟନ୍ତ ଜାରି ରହିବ । ପୂଜାକମିଟିମାନେ କୋଭିଡ୍ ନିୟମ ପାଳନ କରି କେବଳ ରୀତିନୀତି ଅନୁସାରେ ଦେବୀଙ୍କ ପୂଜାକାର୍ଯ୍ୟ ସଂପାଦନ କରିପାରିବେ । ପୂଜା ସ୍ଥଳରେ ୭ଜଣ ରୁ ଅଧିକ ଲୋକ ଏକାଠି ହୋଇପାରିବେ ନାହିଁ । ପୂଜା ସ୍ଥଳରେ କୌଣସି ପ୍ରକାର ଡାକବାଜି ଯନ୍ତ୍ର ବାଜିବାକୁ ଅନୁମତି ନାହିଁ । ସେହିଭଳି କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ବାରଣ ରହିଛି । ବାଣ ଫୁଟାଇବା ମନା । ସମସ୍ତ ପୂଜାକମିଟି ଗୁଡ଼ିକ କୋଭିଡ୍ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବା ସହିତ ସରକାରଙ୍କ ଦ୍ୱାରା ପ୍ରଣୀତ ଗାଇଡ୍ ନିୟମ ଅନୁସାରେ ସମସ୍ତ ପୂଜାକାର୍ଯ୍ୟ ସଂପାଦନ କରିବେ । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ବିଧାନ ଚନ୍ଦ୍ର ରାୟ, ଉପଜିଲ୍ଲାପାଳ ଲଗ୍ନଜିତ ରାଉତ, ଜିଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ତହସିଲଦାର,ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ ।

## ବ୍ୟାପୁଛି ଫାଟୁଆ ରୋଗ, ଶତାଧିକ ଗୋରୁ ଆକ୍ରାନ୍ତ

ଖଣ୍ଡପଡ଼ା,୫।୧୦(ସ୍ୱ.ପ୍ର.)



ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ଗୋରୁ ।

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ଓ ଭାପୁର ବ୍ଲକ ଧାନଚେଙ୍ଗଡ଼ା ପଞ୍ଚାୟତ ଅଧୀନ ଭୋଗଡା ସମେତ ଆଖପାଖ ଅଞ୍ଚଳର ଶତାଧିକ ଗୋରୁ ଫାଟୁଆ ରୋଗରେ ଆକ୍ରାନ୍ତ ହୋଇଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି । ଏ ନେଇ ଗୋପାଳକମାନେ ଚିନ୍ତାରେ ପଡ଼ିଛନ୍ତି । ପ୍ରତିଶୋଧକ ବ୍ୟବସ୍ଥା କରା ନ ଗଲେ ଏହି ରୋଗ କମିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି । ଏ ସଂକ୍ରାନ୍ତରେ ବିଭାଗୀୟ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବା ଅଭିଯୋଗ ହୋଇଛି । ପ୍ରାଣୀଧନ ସହାୟକ ଚିକିତ୍ସକ ଡ.ବିଭୁପ୍ରସାଦ ପଣ୍ଡା କହିଛନ୍ତି, ଗତବର୍ଷଠାରୁ କେନ୍ଦ୍ରସରକାର ଏଫ୍‌ଏମ୍‌ଡିସିପି ଯୋଜନାରେ ପ୍ରତ୍ୟେକଗୋରୁଙ୍କ କାନରେ ନୋଳି ଚିହ୍ନ (ଇୟର ଟ୍ୟାଗିଂ) ଲଗାଯାଇ ପ୍ରତି ୬ମାସରେ ଥରେ ରୋଗ ପ୍ରତିଶୋଧକ ଟିକା ଦିଆଯିବ । ମାତ୍ର ଏହି ଯୋଜନାରେ ମାତ୍ର ଥରଟିଏ ରୋଗ ପ୍ରତିଶୋଧକ ଟୀକା କରଣ କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହି ଟିକା ଉପଲବ୍ଧ ହୋଇ ନ ଥିବାରୁ ଆଉ ଗୋରୁଙ୍କୁ ରୋଗ ପ୍ରତିଶୋଷକ ଟିକା ଦିଆଯିବା କାର୍ଯ୍ୟକ୍ରମ ବନ୍ଦ ରହିଛି । ଏହି ରୋଗ ପାଇଁ ବାହାରେ ମଧ ଏହି ଟିକା ଉପଲବ୍ଧ ହେଉ ନ ଥିବାରୁ ସମସ୍ୟା ଉପୁଜିଥିବା ପଣ୍ଡା ସୂଚନା ଦେଇଥିଲେ ।

## ବ୍ଲକ ଆତ୍ମା କମିଟି, ନିତ୍ୟାନନ୍ଦ ପୁଣି ଥରେ ଅଧକ୍ଷ

ଓଡ଼ଗାଁ,୫।୧୦(ସ୍ୱ.ପ୍ର.)

ଓଡ଼ଗାଁ ବ୍ଲକ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ସଭାଗୃହରେ ମଙ୍ଗଳବାର ବ୍ଲକ ଆତ୍ମା କମିଟିର ସାଧାରଣ ଅଧିବେଶନରେ ନୂତନ କମିଟି ଗଠନ କରାଯାଇଛି । ଗୋଷ୍ଠୀ କୃଷି ଅଧିକାରୀ କମଲାକାନ୍ତ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ନୂତନ କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା । ସର୍ବସମ୍ମତିକ୍ରମେ ପୁଣି ଥରେ ନିତ୍ୟାନନ୍ଦ ପ୍ରଧାନ ଅଧକ୍ଷ ପଦବୀ ହାତେଇବାରେ ସଫଳ ହୋଇଛନ୍ତ । ଏହା ସହିତ ପ୍ରଫୁଲ ମାଝି, ବିଜନ ପାଇକରାୟ, ରମେଶ ଚନ୍ଦ୍ର ନାୟକ ଏବଂ ମିନତୀ ଜେନା ଜିଲାସ୍ତରୀୟ କମିଟିକୁ ନିର୍ବାଚିତ ହୋଇଛନ୍ତି । ୫ ବର୍ଷ ବ୍ୟବଧାନରେ ହୋଇଥିବା ନିର୍ବାଚିତ ପ୍ରତିନିଧିଙ୍କ କାର୍ଯ୍ୟକାଳ ୩ ବର୍ଷ ରହିବ ବୋଲି ନବ ନିର୍ବାଚିତ ଅଧକ୍ଷ ସୂଚନା ଦେଇଛନ୍ତି । ଏହି ବୈଠକରେ ଜିଲା ପରିଷଦ ସଦସ୍ୟ ଲୋକନାଥ ସାହୁ, ଉଦ୍ୟାନ କୃଷି ଅଧିକାରୀ ଅଜିତ କୁମାର ନାୟକ, ପ୍ରାଣୀ ଚିକିତ୍ସକ ଡା. ଶୁଭକାନ୍ତ ଆଚାର୍ଯ୍ୟ ପ୍ରମୁଖ ପର୍ଯ୍ୟବେକ୍ଷକ ଭାବେ ଅଂଶ ଗ୍ରହଣ କରିଥିଲେ । ଏଥିନିମନ୍ତେ ନବ ନିର୍ବାଚିତ ଅଧକ୍ଷ ପ୍ରଧାନ ସ୍ଥାନୀୟ ବିଧାୟକ ତଥା କୃଷି ମନ୍ତ୍ରୀ ଅରୁଣ କୁମାର ସାହୁଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।



ବୈଠକରେ ଯୋଗଦେଇଥିବା ବ୍ଲକ୍ ଆତ୍ମା କମିଟି କର୍ମକର୍ତ୍ତା ।

# ବିକାଶ ପ୍ରତି ନିଘା ନାହିଁ

**ଗୋକୁଳାନନ୍ଦ ଜୀଉ ପୀଠ**
- ୧୨ବର୍ଷ ତଳେ ମିଳିଥିଲା ପର୍ଯ୍ୟଟନ କ୍ଷେତ୍ରରେ ମାନ୍ୟତା
- ନଦୀରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ସୁରକ୍ଷାକୁ ନେଇ ଚିନ୍ତା

ଖଣ୍ଡପଡ଼ା,୫।୧୦(ସ୍ୱ.ପ୍ର.)



ଆଜିକୁ ୧୨ ବର୍ଷ ତଳେ ନୟାଗଡ଼ ଜିଲା ସିଧାମୂଳାସ୍ଥିତ ଗୋକୁଳାନନ୍ଦ ଜୀଉ ପୀଠକୁ ରାଜ୍ୟ ସରକାର ପର୍ଯ୍ୟଟନ କ୍ଷେତ୍ର ଭାବେ ଘୋଷଣା କରିଥିଲେ । ପ୍ରତିବର୍ଷ ପିକ୍‌ନିକ୍ ଋତୁରେ ଏହି ପୀଠକୁ ଲକ୍ଷାଧିକ ପର୍ଯ୍ୟଟକ ଆସିଥାନ୍ତି । ସଂପ୍ରତି କୋଭିଡ୍ କଟକଣା କୋହଳ ହେବା ପରେ କ୍ରମଶଃ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ହେଲେ ଏହି ପୀଠର ବିକାଶ ପ୍ରତି ଧ୍ୟାନ ଦିଆଯାଉନାହିଁ । ଅନ୍ୟପକ୍ଷେ ମହାନଦୀରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ସୁରକ୍ଷା ପ୍ରତି କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ । ଫଳରେ ଟିକିଏ ଅସାବଧାନତା ଯୋଗୁ ପର୍ଯ୍ୟଟକମାନେ ନଦୀର ପ୍ରଖର ସ୍ରୋତରେ ଭାସିଯାଉଥିବା ନଜିର ରହିଛି ।

ସୂଚନା ଅନୁଯାୟୀ, ରାଜ୍ୟ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ୨୦୦୯ରେ ଗୋକୁଳାନନ୍ଦ ଜୀଉ ପୀଠକୁ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପ୍ରଦାନ କରିଥିଲେ । ଉକ୍ତ ପୀଠଟି ନୟାଗଡ଼ ଓ କଟକ ଜିଲା ସୀମାନ୍ତ ସିଧାମୂଳା ପଞ୍ଚାୟତର ମହାନଦୀ ତଟବର୍ତ୍ତୀ ମଧୁକର୍ଣ୍ଣିକା ପାହାଡ଼ ଉପରେ ଅବସ୍ଥିତ । ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଏହି ପୀଠକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ତଥା ସେମାନଙ୍କ ରହଣି ପାଇଁ ବନ ବିଭାଗ ପକ୍ଷରୁ ପ୍ରାୟ ୫୩ ଲକ୍ଷ ଟଙ୍କା ବ୍ୟୟରେ ପାହାଡ଼ ଉପରେ ୨୦୧୦ନଭେମ୍ବରରେ ଏକ ବିପୁଳା ମହାନଦୀ ପରିବେଶ ପର୍ଯ୍ୟଟନ ପ୍ରକଳ୍ପ ଉଦ୍‌ଘାଟିତ କରାଯାଇଛି । ଏହି ପ୍ରକଳ୍ପଟି ମହାନଦୀ ସଂଲଗ୍ନ ରାସ୍ତାଠାରୁ ପ୍ରାୟ ୮ଶହ ମିଟର ଉଚ୍ଚରେ ଓ ୫ ଏକର ପରିମିତ ଜମିରେ ରହିଛି । ମଧୁକୋଣ ପାହାଡ଼ ଉପର ପାର୍ଶ୍ୱରେ ଥିବା ଏହି ବିସ୍ତୃତ ସ୍ଥାନରେ ପର୍ଯ୍ୟଟକମାନଙ୍କ ରହଣି ତଥା ରାତ୍ରୀ ଯାପନ ପାଇଁ ୨ଟି କଟେଜ ଓ ଅନ୍ୟାନ୍ୟ ଗୃହ ନିର୍ମିତ ହୋଇଛି । ଏପରି ପରିବେଶକୁ ଉପଭୋଗ କରିବା ପାଇଁ ସେଠାରେ ରାତ୍ରୀ ରହଣି, ସିନେମା ସୁଟିଂ, ଠାକୁର ଦର୍ଶନ, ବିବାହ ଓ ବଣ ଭୋଜି କରିବା ଲାଗି ପ୍ରତିଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ପର୍ଯ୍ୟଟକ ଆସିଥାନ୍ତି । ହେଲେ ପାହାଡ଼ ଶୀର୍ଷରେ ଅବସ୍ଥିତ ବିପୁଳା ମହାନଦୀ ପରିବେଶ ପର୍ଯ୍ୟଟନ ପ୍ରକଳ୍ପକୁ ସିମେଣ୍ଟ କଂକ୍ରିଟରେ ସର୍ପିଳ ରାସ୍ତା କରାଯାଇଥିବାରୁ ଘାଟି ଉପରକୁ ଯାନବାହନ ଚଳାଚଳ ସମୟରେ ଦୁର୍ଘଟଣା ଘଟିବାର ଆଶଙ୍କା ରହିଛି । ପ୍ରତିବର୍ଷ ଏହି ପୀଠରେ ଏକାଧିକ ଦୁର୍ଘଟଣା ଘଟି ଥିଲେ ମଧ୍ୟ ପ୍ରଶାସନ କିମ୍ବା ପର୍ଯ୍ୟଟନ ବିଭାଗ ପକ୍ଷରୁ କୌଣସି ସଚେତନତା ସୃଷ୍ଟି କରାଯାଉନାହିଁ ।

ଏ ସଂକ୍ରାନ୍ତରେ ସିଧାମୂଳାର ଶିକ୍ଷାବିତ୍ ଗଙ୍ଗାଧର ଷଡଙ୍ଗୀ କୁହନ୍ତି, ଉକ୍ତ ପୀଠର ମୁଖ୍ୟ ସମସ୍ୟା ଜଳ ଯୋଗାଣ । ଗତବର୍ଷଠାରୁ କେନ୍ଦ୍ର ଗ୍ରାଉଣ୍ଡ ୱାଟର ବୋର୍ଡ(ସିଜିଡବ୍ଲୁବି)ପକ୍ଷରୁ ୨୫ ଲକ୍ଷ ଟଙ୍କା ଅନୁଦାନରେ ଏକ ବୋରୱେଲ ଖୋଳା ଯାଇଛି । ମାତ୍ର ଶହେ ଫୁଟରୁ ଊର୍ଦ୍ଧ୍ୱ ପାହାଡ଼ ଉପରକୁ ପାନୀୟ ଜଳ ଯୋଗାଣ ପାଇଁ ଆବଶ୍ୟକ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ଖଣ୍ଡପଡ଼ ବ୍ଲକ ବିଜେଡି ସଭାପତି ସୁଶାନ୍ତ ମିଶ୍ର କୁହନ୍ତି, ଉକ୍ତ ପୀଠକୁ ସଂଯୋଗ କରିଥିବା ରାସ୍ତା ମହାନଦୀର ବନ୍ୟା ସମୟରେ ଅତଡା ଖାଇବାର ସମ୍ଭାବନା ଥିବାରୁ ରାସ୍ତାପାର୍ଶ୍ୱରେ ଏକ ଗାର୍ଡୱାଲ ନିର୍ମାଣ କରାଯାଉ । ଆଇନଶୃଙ୍ଖଳା ପରିସ୍ଥିତିରେ ମୁକାବିଲା ପାଇଁ ସ୍ଥାୟୀ ପୋଲିସ ଫାଣ୍ଡି ସ୍ଥାପନ ସହିତ ନଦୀରେ ସ୍ନାନ କରୁଥିବା ପର୍ଯ୍ୟଟକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ କର୍ମଚାରୀଙ୍କୁ ନିଯୁକ୍ତି କରାଯାଉ । ସାମାଜିକ କର୍ମୀ ମହେଶ୍ୱର ରଣା କୁହନ୍ତି, ଉତ୍ତର ଭାରତର ହରିଦ୍ୱାର,ଋଷିକେଶରେ ଯେଉଁଭଳି ପର୍ଯ୍ୟଟକମାନେ ସ୍ନାନ କରିବା ପାଇଁ ନଦୀକୂଳରେ ବ୍ୟବସ୍ଥା କରାଯାଇଛି ସେଠାରେ ସେଭଳି ବ୍ୟବସ୍ଥା କରାଯିବା ଆବଶ୍ୟକତା ରହିଛି । ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ଗୋକୁଳାନନ୍ଦ ପୀଠର ବିକାଶ ପ୍ରତି ଯେତିକି ଧ୍ୟାନ ଦେବା କଥା ତାହା ପ୍ରଶାସନ ଦେଉନାହିଁ । ସେହିପୀଠର ସାମୂହିକ ବିକାଶ ପାଇଁ ସରକାର ତତ୍ପର ହେବା ଦରକାର । ଗଣିଆ,ଖଣ୍ଡପଡ଼ା ରେଞ୍ଜର ବନାଞ୍ଚଳ ଅଧିକାରିଣୀ ସୋନାଲୀ ସିଓ କୁହନ୍ତି, ସିଧାମୂଳା ଇକୋ ଟୁରିଜିମ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତିକରଣ ପାଇଁ ଯେତିକି ବ୍ୟବସ୍ଥା ରହିଥିଲା ତାହା ବନ ବିଭାଗ ପକ୍ଷରୁ ସମ୍ପନ୍ନ କରାଯାଇଛି । ପାହାଡ଼ ଉପର ଇକୋ ଟୁରିଜିମ କ୍ଷେତ୍ରକୁ ସଂଯୋଗ କରୁଥିବା ରାସ୍ତାରେ ଯାନବାହନ ଚଳାଚଳ ସୁରକ୍ଷା ପାଇଁ ରିଟେର୍ଣ୍ଣିଙ୍ଗ ୱାଲ କରାଯାଇଛି । ଏହାଛଡା ନିମ୍ନ ଭାଗରେ ଥିବା ରାସ୍ତାଟି ବନ ବିଭାଗ ଅଧୀନରେ ନାହିଁ, ଯଦି ଗ୍ରାମବାସୀ ତାହାର ସୁରକ୍ଷା ଚାହୁଁଛନ୍ତି ତେବେ ଲିଖିତ ଭାବେ ଜଣାଇଲେ ଏହାର ଉନ୍ନତୀକରଣ ହୋଇପାରିବ ।